ହୋଇଛି। ଗୋଟିଏ ପଟେ, ଆଜିର ତଥାକଥିତ ଆଧୁନିକ ପିଢ଼ି ପାରମ୍ପରିକ ପାରିବାରିକ ଚଳଣି, ସାମାଜିକ ମୂଲ୍ୟବୋଧ ଏବଂ ପରମ୍ପରାଠାରୁ ଦୂରେଇ ଯାଉଛନ୍ତି ଓ ଅନ୍ୟପଟେ, ଅଣୁ ବା କ୍ଷୁଦ୍ର ପାରିବାରିକ ବ୍ୟବସ୍ଥା ବୃଦ୍ଧମାନଙ୍କୁ ଏକାକୀ ଜୀବନଯାପନ କରିବାକୁ ବାଧ୍ୟ କରିଛି। ପରିବର୍ତ୍ତନଶୀଳ ସମୟ ସହିତ, ପିଲାମାନେ ଉତ୍ତମ ଜୀବନଯାପନ ଲକ୍ଷ୍ୟରେ ବିଭିନ୍ନ ସହର କିମ୍ବା ବିଭିନ୍ନ ଦେଶକୁ ଚାଲି ଯାଉଛନ୍ତି। ସେମାନଙ୍କ ମାତାପିତା ଏକଲା ହୋଇଯାଉଛନ୍ତି। ପରବର୍ତ୍ତୀ ସମୟରେ ପିଲାମାନେ ମା'-ବାପାମାନଙ୍କୁ ଏକ ବୋଝ ଏବଂ ଦାୟିତ୍ୱ ଭାବରେ ଦେଖିବା ଆରମ୍ଭ କରୁଛନ୍ତି। ଦେଶରେ ବୟସ୍କମାନଙ୍କର ଏକ ବର୍ଗ ଅଛନ୍ତି, ଯେଉଁମାନେ ନିଜ ଘରେ ଏକ ଘୃଣ୍ୟ ଏବଂ ଅବହେଳିତ ଜୀବନ ବିତାଉଛନ୍ତି କିମ୍ବା ବୃଦ୍ଧାଶ୍ରମରେ ଅସହାୟତାର ଛାୟାରେ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ସମାଜରେ ବୃଦ୍ଧାବୃଦ୍ଧଙ୍କ ଉପରେ ମାନସିକ ଏବଂ ଶାରୀରିକ ଅତ୍ୟାଚାରର ଦ୍ରୁତ ବୃଦ୍ଧି ମଧ୍ୟ ଚିନ୍ତାର ବିଷୟ। ପରିବାର ସଦସ୍ୟଙ୍କ ଦ୍ୱାରା ନିରନ୍ତର ଅବହେଳା, ଅସମ୍ମାନ ଆଚରଣ ବୃଦ୍ଧାବୃଦ୍ଧମାନଙ୍କୁ ବହୁତ ଦୁର୍ବଳ କରିଦେଇଛି। ସେମାନେ ପ୍ରାପ୍ୟ ସମ୍ମାନ ପାଉନାହାନ୍ତି। ଏହା ସେମାନଙ୍କ ଦୁଃଖର ମୁଖ୍ୟ କାରଣ। ଭାରତ ବର୍ତ୍ତମାନ ବିଶ୍ୱର ଏକ ବୃହତ୍ ଯୁବ ଦେଶ। ଏଠାରେ ଯୁବଗୋଷ୍ଠୀଙ୍କ ସଂଖ୍ୟା ପଞ୍ଚଷଠି ପ୍ରତିଶତ। ଆମେରିକାର ଜନସଂଖ୍ୟା ରେଫରେନ୍ସ ବ୍ୟୁରୋ ଦ୍ୱାରା ସମ୍ପ୍ରତି କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଆଜିର ଯୁବ ଭାରତ ୨୦୫୦ ସୁଦ୍ଧା 'ବୃଦ୍ଧ' ହୋଇଯିବ। ସେହି ସମୟରେ, ଦେଶରେ ପଞ୍ଚଷଠି ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇବ। ପ୍ରଶ୍ନ ହେଉଛି, ଆମେ କ'ଣ ଆମର 'ବୃଦ୍ଧ' ଜନସଂଖ୍ୟାର ଉପଯୁକ୍ତ ଯତ୍ନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିପାରିବୁ? ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ କରିଛି ଯେ ବିଶ୍ୱ ସ୍ତରରେ ପ୍ରତି ଛଅ ଜଣ ବୟସ୍କଙ୍କ ମଧ୍ୟରୁ ଏକ ଜଣ କୌଣସି ପ୍ରକାରର ନିର୍ଯାତନାର ସମ୍ମୁଖୀନ ହୁଅନ୍ତି। କିନ୍ତୁ ଏହି ସଂଖ୍ୟା ବାସ୍ତବତାଠାରୁ ବହୁତ କମ୍ କାରଣ ଅଧିକାଂଶ ବୟସ୍କବ୍ୟକ୍ତି ଅପମାନ କିମ୍ବା ଭୟ ଯୋଗୁ ଏହି ଘଟଣାଗୁଡ଼ିକ ବାହାରେ ପ୍ରକାଶ କରି ନ ଥାନ୍ତି। ଏକ ଗବେଷଣା ଅନୁଯାୟୀ, ଭାରତୀୟ ଘରେ ବୃଦ୍ଧାବୃଦ୍ଧଙ୍କୁ ଅନେକ ପ୍ରକାରେ ହଇରାଣ କରାଯାଉଛି। ଏଥିରେ ପରିବାର ସଦସ୍ୟଙ୍କ ଦ୍ୱାରା ଅପମାନ, ଦୁର୍ବ୍ୟବହାର, ଅବହେଳା, ଆର୍ଥିକ ଶୋଷଣ ଏବଂ ଶାରୀରିକ ହଇରାଣ ଭଳି ଅମାନବୀୟ ପଦ୍ଧତି ଅନ୍ତର୍ଭୁକ୍ତ। ରିପୋର୍ଟରେ ଦର୍ଶାଯାଇଛି ଯେ ହଇରାଣ ହେଉଥିବା ୮୨ ପ୍ରତିଶତ ବୃଦ୍ଧାବୃଦ୍ଧ ସେମାନଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାରର ଅଭିଯୋଗ କରନ୍ତି ନାହିଁ। ସେମାନେ ଏହି ବିଷୟଗୁଡ଼ିକୁ ପାରିବାରିକ ବିଷୟ ଭାବି ଛାଡ଼ି ଦିଅନ୍ତି କିମ୍ବା ଭବିଷ୍ୟତର ଅସୁରକ୍ଷା ବିଷୟରେ ଚିନ୍ତା କରି ଭୁଲି ଯିବାକୁ ପସନ୍ଦ କରନ୍ତି। ତଥାପି, ଦେଶରେ ବୟସ୍କଙ୍କ ପ୍ରତି ସମ୍ମାନ ଯେଉଁ ଗତିରେ ହ୍ରାସ ପାଇଛି ତାହା ଆମର ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧର ଅବମୂଲ୍ୟାୟନକୁ ପ୍ରତିଫଳିତ କରେ।

ବୟସ୍କଙ୍କ ସେବା ଏବଂ ସୁରକ୍ଷା ପାଇଁ ଭାରତରେ ଅନେକ ଆଇନ ତିଆରି ହୋଇଛି। ଭାରତରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ କେନ୍ଦ୍ର ସରକାର ୧୯୯୯ରେ ଏକ ଜାତୀୟ ନୀତି ପ୍ରସ୍ତୁତ କରିଥିଲେ। ଏହା ପରେ, ୨୦୦୭ରେ ସଂସଦରେ 'ମାତାପିତା ଏବଂ ବରିଷ୍ଠ ନାଗରିକ ଭରଣପୋଷଣ ବିଲ୍' ପାରିତ ହୋଇଥିଲା। ୨୦୧୫ରେ ସରକାର ଏକ କଠୋର ଆଇନ ତିଆରି କରିଥିଲେ, ଯାହା ଦ୍ୱାରା ବୃଦ୍ଧାବୃଦ୍ଧମାନେ ସେମାନଙ୍କ ସମ୍ପର୍କୀୟଙ୍କଠାରୁ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି। ଏହା ବ୍ୟତୀତ, ଅନେକ ରାଜ୍ୟ ସରକାର ବୃଦ୍ଧାଶ୍ରମ, ମାଗଣା ଚିକିତ୍ସା ସେବା ଏବଂ ହେଲ୍ପଲାଇନ ଭଳି ପଦକ୍ଷେପ ନେଇଛନ୍ତି। ସମ୍ପ୍ରତି, ସଂସଦରେ ଏକ ପ୍ରଶ୍ନର ଉତ୍ତରରେ, କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ ଉତ୍ତର ଦେଇଥିଲେ ଯେ କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କର ବୃଦ୍ଧା ମାତାପିତାଙ୍କ ଯତ୍ନ ନେବା ପାଇଁ ୩୦ ଦିନର ଛୁଟି ନେଇପାରିବେ। ଆଇନ ନୁହେଁ, ସମାଜର ଚେତନା ଜାଗ୍ରତ ହେଲେ ହିଁ ଆଇନ ପ୍ରଭାବଶାଳୀ ହୋଇପାରିବ। ଭାରତ ସର୍ବଦା ଏକ ଉଚ୍ଚ ପରମ୍ପରାର ଦେଶ ହୋଇଆସିଛି, ଯେଉଁଠାରେ ଜନ୍ମରୁ ପିଲାମାନଙ୍କୁ ସମ୍ମାନ ସ୍ୱରୂପ ବଡ଼ମାନଙ୍କ ପାଦ ଛୁଇଁବାକୁ ଶିକ୍ଷା ଦିଆଯାଏ। ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବା, ସେମାନଙ୍କ ଅପରାହ୍ନ ବୟସରେ ସେମାନଙ୍କର ପ୍ରତିପାଳନ ନ କରିବା ଏକ ଅପମାନ ବୋଲି ବିବେଚନା କରାଯାଏ। ବୃଦ୍ଧମାନଙ୍କୁ ଅବହେଳା କରିବା କେବଳ ସେମାନଙ୍କ ଜୀବନକୁ ନୁହେଁ ବରଂ ଆମର ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରେ। ଆଜି ଯେଉଁ ପିଢ଼ି ଯୁବା, ସେମାନେ କାଲି ବୃଦ୍ଧାବସ୍ଥାରେ ପହଞ୍ଚିବେ। ଯଦି ଆମେ ଆଜି ଆମ ବୃଦ୍ଧ ମାତାପିତାଙ୍କ ପ୍ରତି ସମ୍ବେଦନଶୀଳ ନ ହେବା, ତେବେ ଆଗାମୀ ପିଢ଼ି ଆମ ପ୍ରତି ସମାନ ଆଚରଣ ପ୍ରଦର୍ଶନ କରିବେ। ଏହା ଏକ ସାମାଜିକ ଚକ୍ର, ଯେଉଁଥିରେ ମାନବ ଆଚରଣର ମୌଳିକ ଭାବନା ବଜାୟ ରଖିବା ଆବଶ୍ୟକ। ଆମେ କେବଳ ପ୍ରୌଢ଼ମାନଙ୍କ ଅଧିକାର ପାଇଁ ସ୍ୱର ଉଠାଇବା ଉଚିତ ନୁହେଁ, ବରଂ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମର୍ଯ୍ୟାଦା, ସମ୍ମାନ ଓ ଅଧିକାର ମଧ୍ୟ ଦେବା ଉଚିତ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରିବାରର ମୁଖ୍ୟ ହେବା ସହିତ, ସେମାନେ ମାର୍ଗଦର୍ଶକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହା ପରିତାପର ବିଷୟ ଯେ ଆଧୁନିକତାର ଏହି ଦୌଡ଼ରେ ଆମେ ସେମାନଙ୍କ ଗୁରୁତ୍ୱକୁ ଭୁଲିଯାଉଛୁ।

ମୋ:୯୪୩୭୨୩୨୪୬୩

# ମୃତ୍ୟୁକୁ ଜୀବନ



ଡ. ନରେନ୍ଦ୍ର ସେଠୀ

ମୃତ୍ୟୁ ସତ୍ୟ। କିନ୍ତୁ ମୋହ ମାୟା ମଣିଷକୁ ଏପରି ଗ୍ରାସକରି ରଖେ ଯେ, ଯେ କେହିବି ସଂସାରରେ ମରିବାକୁ ଚାହାନ୍ତି ନାହିଁ। ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ବନ୍ଧନରେ ବାନ୍ଧି ହୋଇ ରହେ। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ, ଭାଗବତର ଏହି ମର୍ମସ୍ପର୍ଶୀ ବାଣୀର ଅର୍ଥ ହେଲା: ଯିଏ ଜନ୍ମ ନେବ ତା'ର ମୃତ୍ୟୁ ନିଶ୍ଚିତ। ସତ କହିବାକୁ ଗଲେ ଆମେ କେହି ମରିବାକୁ ଚାହୁଁନା। ତେବେ ସବୁଦିନ ପାଇଁ ବଞ୍ଚିବା ଲାଗି ମଣିଷର ପ୍ରବଳ ଇଚ୍ଛା ପୂରଣ କରିବା ସକାଶେ ବିଜ୍ଞାନ ଅହରହ ପ୍ରଚେଷ୍ଟା ଚଳାଇଛି। ମଣିଷ ଶରୀର ଅନେକ କୋଷକୁ ନେଇ ଗଠିତ। କୋଷଗୁଡ଼ିକ ଏକରୁ ଦୁଇ, ଦୁଇରୁ ଚାରି ହୋଇ ବିଭାଜନ ପ୍ରକ୍ରିୟାରେ ବଢ଼ିଥାନ୍ତି। ଶରୀରର ଗୋଟିଏ କୋଷ ଏହିପରି ୫୦ ଥର ବିଭାଜନ ହେଲା ପରେ ମୃତ୍ୟୁବରଣ କରିଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ତିରିଶ ବର୍ଷ ପରେ ମଣିଷ ଶରୀର ଧୀରେ ଧୀରେ ଶିଥିଳ ହୋଇ ଆସେ ଓ ବାର୍ଦ୍ଧକ୍ୟ ଆଡ଼କୁ ପାଦ ପକାଏ। କିନ୍ତୁ ରୋଚକ କଥା ହେଲା, ମଣିଷ ଶରୀରରେ କିଛି ଏମିତି କୋଷ ଅଛି ଯାହା ମରେ ନାହିଁ। ଉଦାହରଣ ସ୍ୱରୂପ, କର୍କଟ ଆକ୍ରାନ୍ତ କୋଷଗୁଡ଼ିକ ମରିବାର ସବୁ ଗୁଣ ହରେଇ ବସିଥାନ୍ତି। ଷ୍ଟେମସେଲ ଓ ଜର୍ମ ସେଲର ମଧ୍ୟ ଏହି ଗୁଣ ଅଛି। ଯେହେତୁ ଗୁଣସୂତ୍ର ବା ଜିନ୍ ମଣିଷର ବାର୍ଦ୍ଧକ୍ୟ ପାଇଁ ମୋଟାମୋଟି ଭାବେ ଦାୟୀ, ବୈଜ୍ଞାନିକମାନେ ଏବେ ଏପରି ଜିନ୍‌ର ସନ୍ଧାନରେ ଅଛନ୍ତି, ଯାହା ବୟସକୁ ଅଟକେଇ ପାରିବ। କେତେଜଣ ବୈଜ୍ଞାନିକ ମଣିଷକୁ ଅମର କରିବାର କୌଶଳ ଖୋଜିବାରେ ଲାଗିପଡ଼ିଥିବା ବେଳେ ଆଉ କେତେକେ ମରିବା ପରେ କିପରି ମୃତ ଶରୀରକୁ ଜୀବନ ଦେଇ ହେବ ସେଥିପାଇଁ ଚେଷ୍ଟା ଚଳାଇଛନ୍ତି। ଆଧୁନିକ ବିଜ୍ଞାନ ଯଦି କେବେ ମୃତ ଶରୀରରେ ଜୀବନ ଦେବାରେ ସଫଳ ହୁଏ, ତାହାଲେ ମଣିଷ ଶରୀର ପ୍ରାକୃତିକ ଉପାୟରେ ମରିବା ପରେ ପୁଣି ବଞ୍ଚିପାରିବ। ମୃତ୍ୟୁହେବା ମାତ୍ରେ ଶରୀରରେ ବିଘଟନ ପ୍ରକ୍ରିୟା ଆରମ୍ଭ ହୋଇ ଯାଉଥିବାରୁ ବଞ୍ଚିବାର କୌଶଳ ପ୍ରୟୋଗ କରିବା ପର୍ଯ୍ୟନ୍ତ ତାହାକୁ ସାଇତି ରଖିବା ନିହାତି ପ୍ରୟୋଜନ। ଏହି କ୍ରମରେ ବର୍ଲିନର ଏକ ସଂସ୍ଥା ଆଗେଇ ଆସି ଭବିଷ୍ୟତରେ ଯେଉଁମାନେ ଜିଇବାର ଲାଳସା ରଖନ୍ତି, ମରିବାପରେ ନିଜର ଶରୀରକୁ ସାଇତି ରଖିବାକୁ ସୁଯୋଗ ଦେଉଛି। ଏପର୍ଯ୍ୟନ୍ତ ୭୦୦ରୁ ଅଧିକ ନିଜର ମୃତଦେହ ସାଇତି ରଖିବା ପାଇଁ ଚୁକ୍ତି ସ୍ୱାକ୍ଷର କରିସାରିଲେଣି। ଏଥିପାଇଁ ଟୁମୋରୋ ବାଓ ନାମକ ଏହି ସଂସ୍ଥାକୁ ଶରୀର ପିଛା ପ୍ରାୟ ୨କୋଟି ଟଙ୍କା ଦେବାକୁ ପଡ଼ିବ। ଏଥିରେ ଆପଣ ନିଜର ପ୍ରିୟ ଗୃହପାଳିତ ପଶୁର ଶରୀର ମଧ୍ୟ ସାଇତି ରଖିପାରିବେ।

ରୋଚକ ତଥ୍ୟ ହେଲା, ଆପଣ ଏଥିପାଇଁ ସଂସ୍ଥାର ୱେବ୍‌ସାଇଟକୁ ଯାଇ ନିଜ ଶରୀର ବିଷୟରେ ଅବଗତ କରାଇଲେ ସଂସ୍ଥା ଆପଣଙ୍କ ମୃତଦେହ ପାଇଁ କେତେ ଟଙ୍କା ନେବେ ତାହା ଜାଣିପାରିବେ। ମୃତଦେହ ସହିତ ଏହି ସଂସ୍ଥା ଜୀବିତ ଅବସ୍ଥାରେ ଥିବା ସ୍ମରଣ ଶକ୍ତି, ପରିଚୟ ଓ ବ୍ୟକ୍ତିତ୍ୱକୁ ମଧ୍ୟ ସାଇତି ରଖିବାର ଦାବି କରୁଛି। ଏହା ଯଦି ସଫଳ ହୁଏ, ତା'ହେଲେ ମରିଯାଇଥିବା ବ୍ୟକ୍ତି ଭବିଷ୍ୟତରେ ପୁଣି ଥରେ ଜୀବନ ଲାଭ କରି ପୁରୁଣା ସଂସାରକୁ ଫେରିପାଇବ। ତେବେ ୟୁରୋପର ଟୁମୋରୋ ବାଓ ୨ଲକ୍ଷ ଡଲାର ବଦଳରେ ମୃତ୍ୟୁକୁ ନାଲିଆଖି ଦେଖେଇ ପୁଣି ଜୀବନ ଫେରେଇ ଆଣିବାର ଲାଳସା ମଣିଷ ମନରେ ଭରି ଦେଇଛି। ଟୁମୋରୋ ବାଓର ଏମିତି ଏକ ଲୋଭନୀୟ ତଥା ଅପ୍ରତ୍ୟାଶିତ ଚେଷ୍ଟା ପଛରେ କିଛି ବୈଜ୍ଞାନିକ ଘଟଣା ରହିଛି। ଏହା ହେଲା ୧୯୯୯ ମସିହାରେ ଜଣେ ବ୍ୟକ୍ତି, ଯିଏକି ମରିବାର ଦୁଇଘଣ୍ଟା ପରେ ଜୀବନ ଫେରି ପାଇଥିଲେ। ତେଣୁ ମୃତ୍ୟୁ ପରେ ଯେ ଦିନେ ମଣିଷ ଜୀବନ ପାଇପାରିବ, ଏହା ଏହି ସଂସ୍ଥାର ବିଶ୍ୱାସ ଅଛି। ତେବେ ବଡ଼ କଥା ହେଲା, ଯଦି ମୃତଦେହକୁ ଜୀବନ ଦେବାରେ ବିଜ୍ଞାନ ଏଯାଏଁ ସଫଳ ହୋଇନି, ତା'ହେଲେ ଶରୀରକୁ ସାଇତି ରଖିବା କେତେଦୂର ପ୍ରଯୁଜ୍ୟ ବୋଲି ଅନେକ ମତବ୍ୟକ୍ତ କରିଛନ୍ତି। କ୍ରାଓପ୍ରିଜର୍ଭ ଭଳି ଏହି ଉପାୟରେ ଶରୀରକୁ -୨୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ସାଇତି ରଖିଲେ କୋଷଗୁଡ଼ିକ ବରଫ ପାଲଟିଯାଇ ନଷ୍ଟ ହୋଇଯିବାର ସମ୍ଭାବନା ଅଛି। ମଣିଷ ଶରୀରର ୬୦% ଜଳ ହୋଇଥିବାରୁ ଅତି ନିମ୍ନ ତାପମାତ୍ରାରେ ଶରୀରକୁ ସଂରକ୍ଷଣ କଲେ ଏହା ବରଫ ପାଲଟି ନଷ୍ଟ ହୋଇଯିବାର ସମ୍ଭାବନା ଥିବାରୁ ଏହି ପ୍ରକ୍ରିୟାରେ ଶରୀର ଭିତରୁ ଜଳ ଅଂଶ ବାହାର କରି ତା'ବଦଳରେ କିଛି ରସାୟନ ପଦାର୍ଥ ଭରିଦିଆଯିବ ଓ ଶରୀରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅପେକ୍ଷା କରିବାକୁ ପ୍ରୟୋଗଶାଳାରେ ରଖିଦିଆଯିବ। ଯେତେବେଳେ ମୃତଦେହକୁ ବଞ୍ଚାଇବା ପାଇଁ ଜ୍ଞାନ କୌଶଳ ଆସିବ, ସେପର୍ଯ୍ୟନ୍ତ ଏହି ସବୁ ଶରୀର ଅପେକ୍ଷା କରି ରହିବେ।



ଭବିଷ୍ୟତରେ ମଣିଷ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ମନଇଚ୍ଛା ପରିବର୍ତ୍ତନ କରିବାରେ ସକ୍ଷମ ହୋଇ ଶେଷରେ ନିଜକୁ ପୁରାଣବର୍ଣ୍ଣିତ ଦେବତାଙ୍କ ସମକକ୍ଷ କରିପାରିବ ବୋଲି ଯେଉଁ ଆକଳନ କରାଯାଇଛି, ତାହା ସମ୍ଭବତଃ ପୂର୍ଣ୍ଣ ହୋଇଯିବ, ଯେଉଁଦିନ ମଣିଷ ମୃତଦେହକୁ ଜୀବନ ଦାନ କରିବ। ତେବେ ସେଥିପାଇଁ ସବୁ ପ୍ରସ୍ତୁତି ବିଜ୍ଞାନ କରିସାରିଲାଣି ଓ ପ୍ରକୃତି ଉପରେ ବିଜୟ ପାଇଁ ଅଣ୍ଟା ଭିଡ଼ିଲାଣି। ଶହେ ଦୁଇଶହ ବର୍ଷ ପରେ ଯଦି ହଠାତ୍ ମରିଥିବା ମଣିଷମାନେ ବଞ୍ଚି ଉଠିବେ, ତା'ହେଲେ ସାମାଜିକ ବ୍ୟବସ୍ଥା ଓ ପରିସ୍ଥିତିରେ କ'ଣ ସୁବିଧା ଅସୁବିଧା ସୃଷ୍ଟିହେବ ତାହାର ପରିଣାମ ବିଷୟରେ ମଧ୍ୟ କଳ୍ପନା କରିବା ଉଚିତ। ନହେଲେ ପ୍ରକୃତିର ନିୟମ ଓ ବ୍ୟବସ୍ଥାକୁ ତା'ବାଟରେ ଛାଡ଼ିଦେବା ଦରକାର। କିନ୍ତୁ ସେଥିପାଇଁ ବିଜ୍ଞାନ ପଛକୁ ଯିବା ଲାଗି ନାରାଜ। ଏପରି ସ୍ଥିତିରେ ଫଳାଫଳ ଭବିଷ୍ୟତ ହିଁ ସାକ୍ଷୀ ରହିବ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଗୋଟିଏ ଟମାଟୋ ବି ଜଣଙ୍କ ପାଇଁ ମୃତ୍ୟୁର କାରଣ ହୋଇପାରେ! କଥାଟା ଶୁଣିଲେ ଅଜବ ଲାଗିପାରେ। ହେଲେ ଏଭଳି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶ ଅନୁପପୁର ଜିଲା ବିଜୁରୀ ଥାନା ଅଞ୍ଚଳରେ। ଏହି ଅଞ୍ଚଳରେ ଜଣେ ଯୁବକ ଗତ ସୋମବାର ରାତିରେ ପରିବା ମାର୍କେଟରେ ବୁଲୁଥିଲେ। ହଠାତ୍ ସେ ଏକ ଠେଲାଗାଡିରେ ବିକ୍ରି ହେବାକୁ ଥିବା ଟମାଟୋ ଗୋଟେ ଆଣି ଖାଇବାକୁ ଲାଗିଲେ। କିନ୍ତୁ ଠେଲା ପାଖରେ ଥିବା ଜଣେ ମହିଳା ତାଙ୍କୁ ଏପରି ନ କରିବାକୁ କହିଲେ। ବାସ୍ ତା'ପରେ ମହିଳାଙ୍କର ଭାଗ୍ୟ ଖରାପ ପଡିଗଲା। ସେହି ଯୁବକଜଣକ ଏଭଳି ପ୍ରଚଣ୍ଡଭାବରେ ରାଗିଗଲେ ଯେ ମହିଳାଙ୍କୁ ମନଇଚ୍ଛା ଗାଳି କରିବାକୁ ଲାଗିଲେ। ଗାଳି କରିବା ପରେ ବି ମନ ଶାନ୍ତ ହେଲାନି। ହଠାତ୍ ପାଖରେ ପଡିଥିବା ଏକ ବାଉଁଶ ଆଣି ଆକ୍ରମଣ କରିବାକୁ ଲାଗିଲେ। ମାତ୍ର କେଇ ମିନିଟ୍ ଭିତରେ କ'ଣ ସବୁ ଘଟିଯାଉଛି ସେ ସମ୍ପର୍କରେ ପାଖରେ ଥିବା ଲୋକେ ହଠାତ୍ ବୁଝି ପାରି ନ ଥିଲେ। ହେଲେ ମହିଳାଙ୍କ ଉପରେ ଆକ୍ରମଣ ହେବା ପରେ ସ୍ଥାନୀୟ ଲୋକେ ଆସି ପ୍ରତିରୋଧ କରିଥିଲେ। କିନ୍ତୁ ସେତେବେଳକୁ ମହିଳାଜଣକ ଲହୁଲୁହାଣ ହୋଇଯାଇଥିଲେ। ଆକ୍ରମଣକାରୀ ଯୁବକଙ୍କୁ କାବୁ କରିବା ପରେ ମହିଳାଙ୍କୁ ଲୋକେ ତୁରନ୍ତ ଡାକ୍ତରଖାନାକୁ ନେଇ ଯାଇଥିଲେ। ହେଲେ ଡାକ୍ତରଖାନାରେ ପହଞ୍ଚିବାବେଳକୁ ମହିଳାଙ୍କର ମୃତ୍ୟୁ ହୋଇଯାଇଥିଲା। ଛୋଟିଆ କଥାଟିଏର ଏଭଳି ଅନ୍ତ ଘଟିପାରେ ଏହା ବିଶ୍ୱାସ ହେଉନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୭୬

- ରାଜ୍ୟର ବୃହତ ଓ ମଧ୍ୟମ ଜଳସେଚନ ଯୋଜନା ନିମନ୍ତେ ଯୋଜନା କମିଶନ ୭୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି।
- ରାଜ୍ୟରେ ଖଣିଜ ସମ୍ପଦର ବିକାଶ ପାଇଁ ୯ କୋଟିର ଦଶବର୍ଷିଆ ମାଷ୍ଟରପ୍ଲାନ୍ ପ୍ରସ୍ତୁତ।

## ଚିରନ୍ତନୀ

ଫୁଲେ ଫୁଲେ ଧରା ଉଠେ ଫୁଲି ଯେ
ଯୌବନ ଶିରୀ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ହେ !
-(ଫଗୁଣ ଜ୍ୟୋତ୍ସ୍ନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 5 | 2 | | 1 | 4 | | |
| 1 | | | | 9 | | | | |
| | | | | | | 3 | | |
| 2 | | | | | | | 3 | |
| | 9 | | 4 | | | 6 | | |
| | | 7 | | | 2 | 8 | | |
| | | | 9 | | | | 6 | |
| 3 | | | | | 5 | | | |
| 7 | | | | 3 | | | 1 | 4 |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 8 | 9 | 6 | 2 | 4 | 5 |
| 9 | 2 | 5 | 1 | 7 | 4 | 6 | 8 | 3 |
| 4 | 8 | 6 | 5 | 3 | 2 | 1 | 9 | 7 |
| 1 | 9 | 2 | 4 | 5 | 8 | 3 | 7 | 6 |
| 8 | 6 | 3 | 2 | 1 | 7 | 4 | 5 | 9 |
| 5 | 4 | 7 | 9 | 6 | 3 | 8 | 2 | 1 |
| 6 | 5 | 4 | 7 | 2 | 1 | 9 | 3 | 8 |
| 2 | 3 | 9 | 6 | 8 | 5 | 7 | 1 | 4 |
| 7 | 1 | 8 | 3 | 4 | 9 | 5 | 6 | 2 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ ଗେମରୁ କ୍ଷାନ୍ତ ହୁଅନ୍ତୁ

ମହାଶୟ,

ଅନ୍‌ଲାଇନ୍ ଗେମ୍ ଖେଳି ଛୋଟଠାରୁ ବଡ଼ଯାଏଁ ବହୁ ଲୋକ ଆତ୍ମହତ୍ୟା କରିବା ବାରମ୍ବାର ସମ୍ବାଦପତ୍ରରୁ ପଢ଼ିବାକୁ ମିଳୁଛି। ଦେଶର ଜଣେ ସଚେତନଶୀଳ ନାଗରିକ ଭାବେ ଘୋର ଉଦ୍‌ବେଗ ପ୍ରକାଶ କରି ଭାବୁଥିଲି କେନ୍ଦ୍ର ସରକାର ଏହି ଭୟଙ୍କର ଖେଳ ଉପରେ କାହିଁକି କଠୋର ଆଇନ ଆଣୁନାହାନ୍ତି। ଦିନକୁଦିନ ଅନ୍‌ଲାଇନ ଖେଳ ଯୋଗୁ ବହୁ ନିରୀହ ପିଲା, ବୟସ୍କ ଆତ୍ମହତ୍ୟା କରୁଛନ୍ତି। ଏକା ରାତିକେ କୋଟିପତି ହେବାର ଆଶା ରଖି ପିଲାମାନେ ଏହି ଖେଳ ଖେଳିଥା'ନ୍ତି। ହାରିଯିବା ପରେ ଆତ୍ମହତ୍ୟା କରିଥା'ନ୍ତି। ଯାହାହେଉ କେନ୍ଦ୍ର ସରକାର ବହୁଦିନ ପରେ ଏଥିପାଇଁ ଆଇନ ଆଣିଛନ୍ତି, ଯାହା ଦେଶବାସୀଙ୍କ ମନରେ ଭୟ ସୃଷ୍ଟି କରିବ। ଉଭୟ ଜେଲ, ଜରିମାନା ଦେବା ପାଇଁ ଆଇନ ଆଣି ସରକାର ଧନ୍ୟବାଦର ପାତ୍ର ହୋଇଛନ୍ତି। ବହୁ ଆଗରୁ ଏହି ଆଇନ ଆଣିବା ଉଚିତ ଥିଲା।

-ରଞ୍ଜନ ମିଶ୍ର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସହର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ

## ଭବାନୀପାଟଣା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ଭବାନୀପାଟଣା,୩୧।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକା ପକ୍ଷରୁ ରବିବାର ପୌର କାର୍ଯ୍ୟାଳୟରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ସକାଳେ ନଗରପାଳ ବିଷ୍ଣୁ ପ୍ରଧାନଙ୍କ ଦ୍ୱାରା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ନଗରପାଳ ପ୍ରଧାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଭବାନୀପାଟଣା ସହରକୁ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ ରଖି ଉନ୍ନତିପଥରେ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ ପାଇଁ କାମନା କରିଥିଲେ। ନଗରପାଳ ପ୍ରଧାନ ସମସ୍ତଙ୍କୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଅଭିନନ୍ଦନ ଜଣାଇଥିଲେ। ଏହା ପରେ ମା' ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ନଗରପାଳ ପ୍ରଧାନଙ୍କ ସମେତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏହି ଅବସରରେ ଅପରାହ୍ନରେ ଭବାନୀପାଟଣା ଟାଉନ ହଲଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନଗରପାଳ ବିଷ୍ଣୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବା (ପ୍ରବେସନ) ଅନିମେଷ ପ୍ରଧାନ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଖାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, କୁସୁମଖୁଣ୍ଟି ସ୍ୱତନ୍ତ୍ର ଭୂ-ଅଧିଗ୍ରହଣ ଅଧିକାରୀ ଚିନ୍ମୟ କୁମାର ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କାଉନସିଲରମାନେ ନିର୍ବାଚିତ ହୋଇ ପଡାର ଉନ୍ନତି ସେବା ଜାରି ରଖିଥିବାବେଳେ ମାସିକ ବୈଠକରେ ସେମାନେ ଉପସ୍ଥିତ ହେଲେ ମାତ୍ର ୫୦ ଟଙ୍କା ମିଳୁଥିବାରୁ ଏହାକୁ ବର୍ଦ୍ଧିତ କରିବାକୁ ନଗରପାଳ ପ୍ରଧାନ ଉପସ୍ଥିତ ଏମ୍‌ପିଙ୍କ ଦୃଷ୍ଟି ଗୋଚର କରିଥିଲେ। ସେହିପରି ନିର୍ବାହୀ ଅଧିକାରୀ ପାଢ଼ୀ ତାଙ୍କ ବକ୍ତବ୍ୟରେ ଭବାନୀପାଟଣା ପୌରପାଳିକାକୁ ଉନ୍ନତି ପଥରେ ନେବାକୁ ହେଲେ ସହରବାସୀଙ୍କ ସହଯୋଗ ଆବଶ୍ୟକ। ତେବେ ଯାଇ ଭବାନୀପାଟଣା ସହର ଏକ ସରସ ସୁନ୍ଦର, ଆବର୍ଜନା ମୁକ୍ତ ଓ ପଲିଥିନ ମୁକ୍ତ ସହର ଭାବେ ଗଢି ପାରିବା ବୋଲି କହିଥିଲେ। ମୁଖ୍ୟ ଅତିଥି ଏମ୍‌ପି ମାଳବିକା ଦେବୀ କହିଥିଲେ, ସ୍ୱାୟତ୍ତ ଶାସନର ଅର୍ଥ ହେଲା ଲୋକେ ନିଜେ ନିଜକୁ ଦାୟିତ୍ୱ ନେବା। ଲୋକେ ନିଜ ଦାୟିତ୍ୱ ଓ ନିଜ କ୍ଷମତାକୁ ବୁଝିଲେ ଏକ ସୁସ୍ଥ ପରିବେଶରେ ଜୀବନ ଜିଇଁ ପାରିବା ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ହୋଇଥିବା ଛାତ୍ରଛାତ୍ରୀ, ମହିଳା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଂସ୍କୃତିପ୍ରେମୀ ସଞ୍ଜୀବ କୁମାର ସିଂ ମଞ୍ଚ ପରିଚାଳନା କରିଥିଲେ।



ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସରେ ନଗରପାଳ ଓ ଅନ୍ୟମାନେ।

# ଜୁନାଗଡ଼ରେ ପୂଜା ପାଉଛନ୍ତି ଚୁଡ଼ି ଗଣେଶ



ଜୁନାଗଡ଼ ବଜାରପଡ଼ାରେ ଅନୁଷ୍ଠିତ ଚୁଡ଼ି ଗଣେଶ।

## ଦର୍ଶନ ଲାଗି ଭକ୍ତ, ଶ୍ରଦ୍ଧାଳୁଙ୍କ ଲାଗିଛି ଭିଡ଼

ଭବାନୀପାଟଣା,୩୧।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ସମେତ ଜିଲାର ବିଭିନ୍ନ ସହରରେ ଚଳିତବର୍ଷ ଭଳିକି ଭଳି ଗଣେଶଙ୍କ ପ୍ରତିମା ପୂଜା ପାଉଛନ୍ତି। ଏହାରି ଭିତରେ ଜୁନାଗଡ଼ ବଜାରପଡ଼ାରେ ଚୁଡ଼ିରେ ପ୍ରସ୍ତୁତ ଗଣେଶ ପ୍ରତିମା ଦେଖିବାକୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ପ୍ରକାଶ ଯେ, ବଜାରପଡା ଜୟ ଶିବଶଙ୍କର କ୍ଲବ ପକ୍ଷରୁ ଗତ ୨୮ ବର୍ଷ ଧରି ଗଣେଶଙ୍କ ପୂଜା କରାଯାଉଛି । ଅନ୍ୟ ସ୍ଥାନର ମୂର୍ତ୍ତି ଅପେକ୍ଷା ଏଠାକାର ମୂର୍ତ୍ତିର ସ୍ୱତନ୍ତ୍ରତା ରହିଛି। ଏଠାକାର ପୂଜା ମଣ୍ଡପରେ ପ୍ରତିବର୍ଷ ଅଭିନବ ଉପାୟରେ ମୂର୍ତ୍ତି ତିଆରି କରାଯାଏ। ଚଳିତବର୍ଷ ଏଠାରେ ଚୁଡ଼ିରେ ଗଣେଶଙ୍କ ପ୍ରତିମା ତିଆରି ହୋଇଛି। ପ୍ରାୟ ୨୫ ଶହ ଚୁଡ଼ିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଅଠା ଓ କିଛି ପାରମ୍ପରିକ ଉଦ୍ଭ ବ୍ୟବହାର କରି ମୂର୍ତ୍ତି ପ୍ରସ୍ତୁତ କରାଯାଇଛି । ମୁଖ୍ୟ କାରିଗର ପୁରୁଷୋତ୍ତମ କଟାଙ୍କ ସମେତ ସୁରେଶ ନିଆଲ, ପ୍ରକାଶ ନିଆଲ, ରାଜନ କଟା, କାର୍ତ୍ତିକ ନିଆଲ, ରୋହିତ ନିଆଲ ପ୍ରମୁଖ କାରିଗରମାନେ ପ୍ରାୟ ୧ ମାସ ଧରି ନିଜସ୍ୱ ସୃଜନଶୀଳତା ବଳରେ ଏହି ମୂର୍ତ୍ତି ତିଆରି କରିବା ସହିତ ମଞ୍ଚ ସଜା କରିଛନ୍ତି। ଗତ ୨୮ ବର୍ଷ ଧରି ଭିନ୍ନ ଭିନ୍ନ ଉପାଦାନରେ ମୂର୍ତ୍ତି ତିଆରି କରୁଥିବା ସେମାନେ କହିଛନ୍ତି। ଅଭିନବ ମୂର୍ତ୍ତି ପ୍ରତି ଶ୍ରଦ୍ଧାଳୁଙ୍କ ଆଗ୍ରହ ଦେଖି ବିଭିନ୍ନ ବର୍ଷ ଭିନ୍ନ ଭିନ୍ନ ଉପାଦାନରେ କାରିଗରମାନେ ମୂର୍ତ୍ତି ତିଆରି କରନ୍ତି। ପୂର୍ବ ବର୍ଷମାନଙ୍କରେ ରଙ୍ଗ ବେରଙ୍ଗର ନାନା ପ୍ରକାର ଫଳ, ଧାନ ପଲା, ବିଭିନ୍ନ ପ୍ରକାର ପତ୍ର, ଭିଜରଙ୍ଗ ଓ ପ୍ରକାରର କର୍ପୁର ଆଦିକୁ ମଧ୍ୟ ମୂର୍ତ୍ତିର ରୂପ ଦିଆଯାଇଥିଲା। ମୂର୍ତ୍ତି ତିଆରିରେ କେବଳ କ୍ଲବ କର୍ମକର୍ତ୍ତା ହସ୍ତକ୍ଷେପ କରୁ ନ ଥିବାରୁ ପ୍ରତିବର୍ଷ ଭିନ୍ନ ଭିନ୍ନ ଆକୃତିରେ ଗଣେଶଙ୍କ ମୂର୍ତ୍ତି ତିଆରି କରୁ ବୋଲି କାରିଗରମାନେ କହୁଛନ୍ତି। ଗତ ୨୭ ତାରିଖରେ ପ୍ରତିମାର ପ୍ରାଣ ପ୍ରତିଷ୍ଠା ପରେ ଚୁଡ଼ିଆରି ଗଣେଶଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି।

# ସ୍ୱାୟତ୍ତ ଶାସନ ଦିବସ ପାଳିତ

ଖଡ଼ିଆଲ,୩୧।୮ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଲ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନିର୍ବାହୀ ଅଧିକାରୀ ସାଧୀନ କେତନ ମହାରଣା ଯୋଗଦେଇ ପତାକା ଉତ୍ତୋଳନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭ୍ୟ ସୁନିଲ କୁମାର ସାହୁ, ଚନ୍ଦନ ସାହୁ, ଲକ୍ଷଣ ଦୁରିଆ ଓ ସମସ୍ତ ୱାର୍ଡସଭ୍ୟ ଯୋଗ ଦେଇଥିଲେ।

# ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ

ଖଡ଼ିଆଲ,୩୧।୮ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଲ ବ୍ଲକ ତୁକଲା ବ୍ରାହ୍ମଣ ସମାଜ ପକ୍ଷରୁ ରବିବାର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅମର କୋଡିସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜେଶ କୁମାର ଦୁବେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଖଡ଼ିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ନୂଆଁଖାଇ ସମସ୍ତଙ୍କୁ ବାନ୍ଧି ରଖିବାର ପର୍ବ ବୋଲି କହିଥିଲେ। ଅନ୍ୟତମ ଅତିଥି ପୂର୍ବତନ କଳାହାଣ୍ଡି ଜିଲାପାଳ ଶରତ କୁମାର ପଣ୍ଡା ଓ ଖଡ଼ିଆଲ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଉପସ୍ଥିତ ଥିଲେ। ବ୍ରାହ୍ମଣ ସମାଜ ତୁକଲାର ସଭାପତି ରାମେଶ୍ୱର ଦାଶ ଓ ସମ୍ପାଦକ କାଳିଆ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦେଶ ଜାତିର ଗଠନରେ ବ୍ରାହ୍ମଣ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ଅମିୟ ଦୁବେ ସଂପାଦକୀୟ ବିବରଣୀ ପଠନ କରିଥିବା ବେଳେ ଆଶୁତୋଷ ଦୁବେ ମଞ୍ଚ ପରିଚାଳନା କରିଥିଲେ। ସଞ୍ଜୀବ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏ ଅବସରରେ ସମାଜର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଧାୟକ ଅଧିରାଜ ମୋହନ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

## ସ୍ୱାୟତ୍ତ ଶାସନ ଦିବସ

ନୂଆପଡ଼ା,୩୧।୮ (ମକାରୁ ବେମାଲ)

ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏଥିରେ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଳାହାଣ୍ଡି ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧା ଓ କାଉନ୍ସିଲର ଶିବାନନ୍ଦ ପାତ୍ର, ଥାନେଶ୍ୱର ସୁନା, ତୋରଣ ମାଝି, ଧର୍ମରାଜ ଶବର ପ୍ରମୁଖ ଉପସ୍ଥିତ ଥିଲେ । ଏହା ପରେ ଗାନ୍ଧୀ ପ୍ରମୋଦ ଉଦ୍ୟାନସ୍ଥିତ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକତା ଛକଠାରେ ଥିବା ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ହେବାକୁ ଥିବା ୧୪ଟି ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀ, ଉପକାରାଗାରର ଜେଲ ଅନ୍ତେବାସୀ, ବିଜୁ ପଟ୍ଟନାୟକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ଓ ଫଳବଣ୍ଟନ କରାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦର ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ସେମାନଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଟେରେସିଙ୍ଗାର ରକ୍ତଦାତା ଅରୁଣ ରଣାଙ୍କ ପରଲୋକ

ରିଷିଡା, ୩୧।୮ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଟେରେସିଂଘା ଗ୍ରାମର ଅରୁଣ ରଣା (୪୮)ଙ୍କର ପରଲୋକ ହୋଇଯାଇଛି। ଗତ ୩ଦିନ ତଳେ ସେ ହଠାତ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଭବାନୀପାଟଣା ଓ ପରେ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ରଣା ଅନେକ ଥର ରକ୍ତଦାନ କରିଥିବା ସହ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ରବିବାର ସକାଳେ ତାଙ୍କ ମରଶରୀର ଘରେ ପହଞ୍ଚିବା ପରେ ତେଲ ନଦୀ କୂଳରେ ସେମାନଙ୍କ ସତ୍କାର କରାଯାଇଥିଲା । ତାଙ୍କ ବଡ଼ ଭାଇ ଶଙ୍କର ରଣା ଓ ଏକମାତ୍ର ପୁତ୍ର ସୌରଭ ରଣା ମୁଖାଗ୍ନି ଦେଇଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ କୋମନା ବ୍ଲକ୍‌ବାସୀ

## ଏବେ ବି ନଈ, ନାଳ, ଖୋଲାକୂଅ ଭରସା

ନୂଆପଡ଼ା,୩୧।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଅଧିକାଂଶ ଗାଁର ଲୋକଙ୍କ ଦୁଃଖ ଏବେବି ଯାଇନି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଗାଁର ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ସରକାର ଗ୍ରାମାଞ୍ଚଳର ବିକାଶ କରୁଥିବା ବେଳେ କୋମନା ବ୍ଲକବାସୀଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ଛତିଶଗଡ଼ ଓ ନୂଆପଡ଼ା ବ୍ଲକ ସୀମାନ୍ତରେ ଥିବା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ପଞ୍ଚାୟତର ଶିକାରୀଗାଉଡ଼ପୁର, ଖଲାଆମ, ଗଦକପାଲି, କୋମାରଖାଟ ଗାଁ ଓ ସୋସେଙ୍ଗ ପଞ୍ଚାୟତର ଭାଓସିଲ ଓ ରାଜାଜେଲ ଗାଁରେ ଆଦିବାସୀ ସମ୍ପ୍ରଦାୟର ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେମାନେ କୋମନା ବ୍ଲକ ଅଧୀନରେ ରହୁଛନ୍ତି। କୌଣସି କାର୍ଯ୍ୟ ପଡ଼ିଲେ ଏହି ଗାଁଗୁଡ଼ିକରୁ ବ୍ଲକକୁ ୧୦୦ କିଲୋମିଟର ଯିବାକୁ ପଡ଼ିଥାଏ। ପଞ୍ଚାୟତ କାର୍ଯ୍ୟାଳୟକୁ ପାହାଡ଼ିଆ ଜଙ୍ଗଲିଆ ରାସ୍ତାରେ ୩୦ରୁ ୪୦ କିଲୋମିଟର ଯାଇ କାର୍ଯ୍ୟ କରିଥାନ୍ତି। ଏହି ଗାଁଗୁଡ଼ିକୁ ପଞ୍ଚାୟତ ଓ ବ୍ଲକ ବହୁତ ଦୂର ପଡୁଥିବାରୁ ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ ସାମଗ୍ରୀ ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତରୁ ଦିଆଯାଉଛି। ଏହି ଗାଁଗୁଡ଼ିକେଠାରୁ ଭରୁଆମୁଣ୍ଡା ଜଙ୍ଗଲିଆ ରାସ୍ତା ୧୦ କିଲୋମିଟରରୁ ଊର୍ଦ୍ଧ୍ୱ ହେବ। ଉକ୍ତ ଗ୍ରାମଗୁଡ଼ିକୁ ଯିବା ପାଇଁ ସବୁଦିନିଆ ପକ୍କା ରାସ୍ତା ନାହିଁ। ରାସ୍ତା ମଝିରେ ଜାଙ୍ଗିଫାଳି ଓ କାଡପାନି ପାହାଡ଼ିଆ ନାଳ ପଡେ। ଏହା ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଅସରାଏ ବର୍ଷା ହେଲେ ନାଳରେ ପାଣି ଭର୍ତ୍ତି ହୋଇଯିବାରୁ ପାରି ହେବା ବହୁତ କଷ୍ଟକର ହୋଇଥାଏ। ଅଞ୍ଚଳରେ କୌଣସି କମ୍ପାନୀର ନେଟ୍‌ୱର୍କ ଆଦୌ ନ ଥିବାରୁ ଲୋକମାନେ ଜରୁରିକାଳୀନ ସେବା ପାଇ ପାରୁନାହାନ୍ତି। ଅନ୍ୟପଟେ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ ହୋଇ ରହିଛନ୍ତି। ଗାଁଗୁଡ଼ିକରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ପ୍ରାକ୍‌ଶିକ୍ଷାରୁ ବଞ୍ଚିତ ହେବା ସହ ପୁଷ୍ଟିକର ଖାଦ୍ୟ ପାଇ ପାରୁନାହାନ୍ତି। ଫଳରେ ଅପପୁଷ୍ଟି ରୋଗର ଶିକାର ହେବା ବହୁତ ସମ୍ଭାବନା ରହିଛି। ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ନାହିଁ। ଫଳରେ ଅନେକ ପିଲା ପାଠପଢ଼ାରୁ ବଞ୍ଚିତ ରହୁଛନ୍ତି। ଏଥିସହିତ ୭ଟି ଗାଁ ପାଇଁ ଜଣେମାତ୍ର ଆଶାକର୍ମୀ ରହିଛନ୍ତି। ସେହିପରି ଉକ୍ତ ଗାଁଗୁଡ଼ିକରେ ବିଜୁଳି ସୁବିଧା ମଧ୍ୟ ନାହିଁ। ଯେଉଁ ଗାଁଗୁଡ଼ିକୁ ବିଜୁଳି ଯାଇଛି, ଠିକ୍ ଭାବରେ ସେବା ଯୋଗାଇ ଦିଆଯାଉ ନାହିଁ। ମାସ ମାସ ଧରି ବିଜୁଳି ଚାଲିଗଲେ ମଧ୍ୟ ଦେଖିବା ପାଇଁ କେହି ନାହାନ୍ତି। ଏହିସବୁ ଗାଁକୁ ଗ୍ରାମ୍ୟ ଜଳସେଚନ ବିଭାଗ ପକ୍ଷରୁ ପାଇପ୍ ବିଛାଯାଇଛି। ହେଲେ ଜଳଯୋଗାଣ ନ ହେବାରୁ ଲୋକମାନେ ବାଧ୍ୟ ହୋଇ ନଈ, ନାଳ, ଚୁଆ, ଚହଲା ଓ ଖୋଲା କୂଅପାଣି ବ୍ୟବହାର କରୁଛନ୍ତି। ଏଣୁ ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଉପାନ୍ତ ବିଚ୍ଛିନ୍ନାଞ୍ଚଳ ହୋଇଥିବାରୁ କୌଣସି ସରକାରୀ ବାବୁଙ୍କ ପାଦ ପଡ଼ିନାହିଁ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ ଦୂରର କଥା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିହ୍ନି ନାହିଁ ବୋଲି ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ପଚାରିବାରୁ ମୁଁ ନୂତନ ଭାବରେ ଯୋଗ ଦେଇଛି। ଏହି ସମସ୍ୟା ସବୁ ମୋ ପାଖକୁ ଆସି ନାହିଁ। ଏହାର ତଦନ୍ତ କରି ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।



ମହିଳାମାନେ କୂଅ ପାଣି ବ୍ୟବହାର ପାଇଁ ନେଉଛନ୍ତି ।

# ମହିଳାଙ୍କ ପାଇଁ ଚାରାରୋପଣ କାର୍ଯ୍ୟକ୍ରମ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ମହିଳା।

ଖଡ଼ିଆଲ,୩୧।୮ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଲ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମହିଳାଙ୍କ ପାଇଁ ଏକ ଚାରା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାହୀ ଅଧିକାରୀ ସାଧୀନ କେତନ ମହାରଣା ଯୋଗ ଦେଇ ଖଡ଼ିଆଳ ଡମ୍ପିୟାର୍ଡଠାରେ ଚାରାରୋପଣ କରିଥିବା ବେଳେ ମହିଳାମାନେ ମଧ୍ୟ ଚାରାରୋପଣ କରିଥିଲେ। ଇଜାର ଡାଣ୍ଡି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଯୋଗ ଦେଇଥିଲେ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ନିର୍ମାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିଓ/ସି/ ବିଏସ୍‌ପି/୨୫-୨୬/୧, ତାରିଖ: ୧୯.୦୮.୨୦୨୫ (ଖୋଲା ଟେଣ୍ଡର) (ଦୁଇ ପ୍ୟାକେଟ୍ ପ୍ରଣାଳୀ)। କାର୍ଯ୍ୟର ନାମ: ଛତିଶଗଡ଼ ରାଜ୍ୟରେ ... ଟେଣ୍ଡର ମୂଲ୍ୟ: ... ବନ୍ଦ ହେବାର ତାରିଖ ଓ ସମୟ: ... ଖୋଲିବାର ତାରିଖ ଓ ସମୟ: ... www.ireps.gov.in ଦେଖନ୍ତୁ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ

CPR/10/FL/276 ଦ.ପୂ.ମ. ରେଳପଥ, ବିଳାସପୁର

South East Central Railway @secrail



**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/06**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | Corrigendum to Tender Enquiry No. TPCODL/ P&S/ FY 25-26/1000004392 & TPCODL/ P&S/ FY 25-26/ 1000004394 published on Newspaper (Pratidin, Dharitri & Statesman) Dt.10.07.2025 "Tender document against above tender enquiry will be available on TPCODL website from Dt.02.09.2025" | (I) Open Tender for 02 Years Rate Contract for supply of 630 Amp, Feeder Pillar box. (TPCODL/ P&S/ FY 25-26/ 1000004392) (II) Open Tender for 02 Years Rate Contract for supply of 630 KVA, 11/0.4 KV Compact Substation. (TPCODL/ P&S/ FY 25-26/1000004394) |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. It is suggested to track aforesaid website for said NIT details


# ଇଚ୍ଛାପୁରରେ ନୂଆଁଖାଇ ଭେଟ୍‌ଘାଟ

ନୂଆପଡ଼ା,୩୧।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଇଚ୍ଛାପୁର ସ୍କୁଲ ଖେଳପଡ଼ିଆରେ ସନମାର୍ଗ ଚାରିଟେବୁଲ ଟ୍ରଷ୍ଟ ଓ ଅଭିଜାନ ଆୟୁର୍ବେଦ ଆରୋଗ୍ୟକୁଞ୍ଜରେ ଶନିବାର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ଯଦୁମଣି ରାଜକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ହାସ୍ୟାବକ୍ତିକବିରସରାଜ ଅଚ୍ୟୁତ ପୁରୋହିତ, ସମ୍ମାନିତ ଅତିଥି ଭାବେ ବୁଦ୍ଧିକୋମନା ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାନ୍ତି, ସମାଜସେବୀ ନବୀନ ଠାକୁର, ଅବସରପ୍ରାପ୍ତ ଶିକ୍ଷକ ଯୁଗଳେଶ୍ୱର ନାୟକ, ଠିକେଦାର ଶବର, ସୁବାଷ ଚନ୍ଦ୍ର ଦାସ, ଇଚ୍ଛାପୁର ଏମଇ ସ୍କୁଲ ପ୍ରଧାନଶିକ୍ଷକ ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ରବୀନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱାଳଙ୍କୁ ଶବର ଓ ଦାସ ସମେତ ଶିକ୍ଷକ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗାଁର ବୟସ୍କ ବ୍ୟକ୍ତି ଜଗଦୀଶ ବିଶ୍ୱାଳ, ସଫଳ ଚାଷୀ ତ୍ରିଲୋଚନ ସାହୁ, ଗାଁର ଯୁବ ପ୍ରତିଭା ରତନ ଜେଟେଶ୍ୱରୀ, ଶ୍ରେଷ୍ଠ କଳାକାର ଓ କ୍ରୀଡ଼ାବିତ୍ ଭାବେ କଳ୍ପନା ସୁନାନୀ, ଯୁକ୍ତ ଦୁଇରେ ସର୍ବାଧିକ ନମ୍ବର ପାଇଁ ଛାତ୍ର ଅଦିତ୍ୟ ବିଶ୍ୱାଳ, ଛାତ୍ରୀ ସନ୍ତୋଷିଣୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ଦେବରାଜ ଯେଠୀ, ଭରତ ବିଶ୍ୱାଳ ଓ ନରସିଂ ସୁନାନୀ ଚୟନ କରିଥିଲେ। ଗାଁର ସଚେତନ ଯୁବକ ଚନ୍ଦ୍ରହାସ ପ୍ରଧାନ, ଭରତ ଚନ୍ଦ୍ର ସାହୁ, ସରୋଜ ପ୍ରଧାନ, ସତ୍ୟ ପ୍ରଧାନ, ଅମୃତ ବିଶ୍ୱାଳ, ଗୋପାଳ ଚଠର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଗଛକୁ ପିଟିଲା ପିକ୍‌ଅପ୍ ଭ୍ୟାନ୍, ଡ୍ରାଇଭର ମୃତ

**ହରଭଙ୍ଗା, (ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲା ପୁରୁଣାକଟକ ଥାନା ୫୭ ନଂ. ଜାତୀୟ ରାଜପଥର କରଡ଼ାକୋଠା ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଗାଡ଼ିଚାଳକ ଚିରଞ୍ଜୀବ ଦାସଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର କେନ୍ଦ୍ରାପଡା ଜିଲା ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ଗ୍ରାମରେ ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ଉକ୍ତ ପିକଅପ୍ ଭ୍ୟାନ୍ ରାୟଗଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କରଡ଼ାକୋଠା ନିକଟରେ ରାସ୍ତାକଡ଼ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଜଗଦଲପୁର ଗଣେଶ ପୂଜା କମିଟିର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ଝାରବନ୍ଧ,୩୧।୮(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଜଗଦଲପୁରଠାରେ ଜଗଦଲପୁର ଗଣେଶ ପୂଜା କମିଟି ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖବରଦାତା ଗୋପବନ୍ଧୁ ଶିକା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଦିବ୍ୟ କିଶୋର ପଣ୍ଡା, ତୁଳସୀରାମ ପଟେଲ, ମଦନ ମୋହନ ପଟେଲ, କ୍ରିଷ୍ଣାଚନ୍ଦ୍ର ପଟେଲ, ପୁରନ୍ଦର ସରାଫ, ପର୍ଶୁରାମ ପଟେଲ, ଗିରିଶ ବରିହା, ଉମାକାନ୍ତ ବାଗ ମଞ୍ଚାସୀନ ଥିଲେ। ନୃତ୍ୟ ପ୍ରତିଯୋଗିତାରେ ନୃତ୍ୟ ଗୁରୁ ରମେଶ ଗୁର୍ଲା, ଅଞ୍ଜଳି ପରିଡ଼ା, ଜୁବିଲି ପଣ୍ଡା ବିଚାରକ ମଣ୍ଡଳୀ ଥିଲେ। ବନମାଳି ରାଉତିଆ କାର୍ଯ୍ୟକ୍ରମର ଉଦ୍‌ଘୋଷକ ଥିଲେ। ଜଗଦଲପୁର ଓ ଆଖ ପାଖ ଅଞ୍ଚଳର ପ୍ରାୟ ୧୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମନୀଷା ଗ୍ରୁପ ପ୍ରଥମ, ହରସୀତା ଗ୍ରୁପ ଦ୍ୱିତୀୟ ଓ ପୁରବି ପଟେଲ ଗ୍ରୁପ ତୃତୀୟ ପୁରସ୍କାର ପାଇଥିଲେ। ମନୋଜ ପଟେଲ, ତପବନ୍ତ ପଟେଲ, ସୋନୁ ପଟେଲ, ସୁରୁ ପଟେଲ, ଈଶ୍ୱର ନାୟକ, କୁଞ୍ଜବିହାରୀ ପଟେଲ, ପ୍ରଦୀପ ପଟେଲ, କ୍ରିଷ୍ଣା ପଟେଲ, ନରୋତ୍ତମ ପଟେଲ, ଭରତ ପଟେଲ, ତରଣୀସେନ ମହାପାତ୍ର ସହଯୋଗ କରିଥିଲେ। ଦୁଃଖନାଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୁଟୁନି ଚାଷୀ ସମସ୍ୟା, ବଢୁଛି ଅସନ୍ତୋଷ



ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧିମାନେ।

**ବରଗଡ଼,୩୧।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସ୍ଥିତ ସମତା ଭବନରେ ଶନିବାର ଜୟ କିଷାନ ଆନ୍ଦୋଳନର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁଶୀଲ କୁମାର ସାହୁ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ସରକାରଙ୍କ ସୀମିତ ସମୟସୀମା କାରଣରୁ ଶହଶହ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବା ଅଭିଯୋଗ କରି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯେଉଁ ଚାଷୀ ପଞ୍ଜୀକରଣ କରିପାରି ନାହାଁନ୍ତି, ସେମାନେ ସରକାରଙ୍କ ଇନପୁଟ ସହାୟତା ରାଶିରୁ ବଞ୍ଚିତ ହେବା ସହିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ରୁ ମଧ୍ୟ ବଞ୍ଚିତ ହେବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଫଳରେ ଆସନ୍ତା ସେପ୍ଟେମ୍ବର ମାସ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣର ଅବଧିକୁ ବୃଦ୍ଧି କରାଯାଉ କିମ୍ବା କୌଣସି ଯୋଗ୍ୟଚାଷୀ ଯେଭଳି ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ପଦକ୍ଷେପ ନେବା ପାଇଁ ଦାବି ହୋଇଥିଲା। ଅନ୍ୟଥା ଏଥିପାଇଁ ସରକାର ଏବଂ ସ୍ଥାନୀୟ ବିଧାୟକମାନେ ଦାୟୀ ରହିବେ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ବୈଠକରେ ଚେତାବନୀ ଦେଇଥିଲେ। ପଞ୍ଜୀକରଣର ଏହି ତରବରିଆ ପ୍ରକ୍ରିୟାରେ ଯଦି କୌଣସି ଚାଷୀ ଭୁଲ ତଥ୍ୟ ଦେଇଛନ୍ତି, ତାହା ସଂଶୋଧନ କରାଯାଉ। ଭୁଲ ତଥ୍ୟ ଦେଇଥିବା ଚାଷୀଙ୍କୁ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ ଦିଆଯିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଘୋଷଣା ଦୁର୍ଭାଗ୍ୟ ଜନକ ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାର ପଞ୍ଜୀକରଣରୁ ବାଦ ପଡିଥିବା ଚାଷୀ କିପରି ପଞ୍ଜୀକୃତ ହୋଇପାରିବ, ସେ ଦିଗରେ ଚିନ୍ତା ନ କରି ଭୁଲ ତଥ୍ୟ ଦେଇଥିବା ଚାଷୀଙ୍କୁ ଖୋଜିବାରେ ବ୍ୟସ୍ତ ରହିବା ଦୁର୍ଭାଗ୍ୟଜନକ ବୋଲି ଚାଷୀ ପ୍ରତିନିଧିମାନେ ମତପ୍ରକାଶ କରିଥିଲେ। କିନ୍ତୁ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଏକ ସରଳ ଏବଂ ଦୀର୍ଘ ଚାରିମାସ ଧରି ପଞ୍ଜୀକରଣର ବ୍ୟବସ୍ଥା କରୁଛନ୍ତି। ଓଡିଶାରେ କେଉଁ ଉଦ୍ଦେଶ୍ୟରେ ଏପରି ଚାଷବାସର ବ୍ୟସ୍ତତା ଭିତରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବା ପାଇଁ ବାଧ୍ୟ କରୁଛନ୍ତି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଅନ୍ୟ ଦିଗରେ ବର୍ତ୍ତମାନ ସାରର କଳାବଜାରୀ ଚାଷୀମାନଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ଗୋଦାମ ଗୁଡିକରେ ସାର ମହଜୁଦ ଥିବାବେଳେ ଏକ କୃତ୍ରିମ ଅଭାବ ସୃଷ୍ଟି କରି ଚାଷୀମାନଙ୍କଠାରୁ ପ୍ରାୟ ତିନି ଗୁଣ ଦରରେ ୟୁରିଆ ସାର ବିକ୍ରି କରୁଛନ୍ତି। ସାର କଳାବଜାରୀ ରୋକିବା ଏବଂ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ କେଉଁ ବ୍ୟବସାୟୀଙ୍କୁ ଏବଂ ପ୍ରାଥମିକ କୃଷି ସମବାୟ ସମିତିକୁ କେତେ ପରିମାଣର ସାର ଯୋଗାଇ ଦିଆଯାଉଛି, ତାହା ସାର୍ବଜନୀନ କରାଯାଉ ବୋଲି ସଙ୍ଗଠନ ତରଫରୁ ଦାବି କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ଶିବ ପ୍ରସାଦ ପ୍ରଧାନ, ସାଧାରଣ ସମ୍ପାଦକ ହର ବର୍ଣ୍ଣିଆଁ, ଅରୁଣ କୁମାର ସାହୁ, ଚଞ୍ଚଳ ପ୍ରଧାନ, ମହେଶ୍ୱର ପ୍ରଧାନ, ସୁରେନ୍ଦ୍ର ମେହେର, ଭଞ୍ଜନ ବାରିକ, ଅରୁଣ ପ୍ରଧାନ, କୁନା ବେହେରା, ପ୍ରବୀଣ ସାହୁ, ମିନିଷ୍ଟର ବାରିକ, ସୀତାରାମ ମେହେରଙ୍କ ସମେତ ଜୟ କିଷାନ ଆନ୍ଦୋଳନର ସକ୍ରିୟ କର୍ମୀମାନେ ଯୋଗଦାନ କରିଥିଲେ।

# ନୃସିଂହନାଥ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ୍



ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

**ପାଇକମାଳ ୩୧।୮(ବଡ଼ ଶତପଥୀ)**

ପାଇକମାଳ ବ୍ଲକ ପବିତ୍ର ନୃସିଂହନାଥ ପୀଠରେ ଥିବା ସଂସ୍କୃତି ମଣ୍ଡପଠାରେ ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗାୟତ୍ରୀ ବାହିନୀ ଦ୍ୱାରା ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଛୋଟରୁ ବଡ଼ମାନଙ୍କ ପାଇଁ ବିଭିନ୍ନ ଆକର୍ଷଣୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ନ ପ୍ରସାଦ ଭୋଜନ ପରେ ଏକ ବୈଠକ ମାତୃପ୍ରସାଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରାହ୍ମଣ ସମାଜର ସଭାପତି ଗିରିଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଶଙ୍କର ଦାସ, ସୁଶୀଲ ମହାପାତ୍ର, ସୁବଳ ପଣ୍ଡା, ମନୋହର ମିଶ୍ର, ଭୁଲୁ ନାୟକ ଓ ସତ୍ୟନାରାୟଣ ଯୋଷୀ ପ୍ରମୁଖ ଯୋଗ ଦେଇ ସମାଜର ଉନ୍ନତି ବିଷୟରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଭିନ୍ନ କାମରେ କଳ୍ପନା ବଡ଼ପଣ୍ଡା, ସୌରେନ୍ଦ୍ର ପଣ୍ଡା, ସୀମାରାଣୀ ଦାଶ, ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ ଓ ତପସ୍ୱିନୀ ପାଣିଗ୍ରାହୀ ପ୍ରମୁଖଙ୍କ ସହ ଗାୟତ୍ରୀ ବାହିନୀ ଏବଂ ପର୍ଶୁରାମ ବାହିନୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ସୁଶାନ୍ତ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାକାର, ଗଣମାଧ୍ୟମ ପ୍ରତିନିଧି ସମ୍ମାନିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ସ୍ୱାୟତ୍ତ ଶାସନ ଦିବସ

**ପଦ୍ମପୁର,୩୧।୮(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଏନ୍‌ଏସି ତରଫରୁ ସ୍ୱାୟତ୍ତ ଶାସନ ଦିବସ ରବିବାର ପାଳିତ ହୋଇଯାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟାଳୟଠାରେ ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ସଫେଇ କର୍ମଚାରୀଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ କର୍ମଚାରୀମାନଙ୍କୁ ନୂଆ ବସ୍ତ୍ର ପ୍ରଦାନ କରାଯାଇଥିଲା। ସରକାରୀ ଡାକ୍ତରଖାନା ପରିସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ଦିନ ୧୧ଟାରେ ପଦ୍ମପୁର ଟାଉନ ହଲଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା,ଏସ୍‌ଡିପିଓ ପାଣ୍ଡବ ଶବର, ଏମ୍‌ପିଙ୍କ ପ୍ରତିନିଧି ଭାବରେ ସୁନୀଲ ଅଗ୍ରୱାଲ ଓ ସମସ୍ତ କାଉନସିଲର ଯୋଗଦାନ କରିଥିଲେ। ବକ୍ତା ଭାବରେ ଓଡ଼ିଆ ବିଭାଗର ଡ.ସରୋଜ କୁମାର ନାୟକ ଯୋଗଦାନ ଦେଇଥିଲେ। ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଏସିରେ କାର୍ଯ୍ୟରତ ବିଭିନ୍ନ ସଫେଇ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କଳାକାର, ନାଟ୍ୟ ପ୍ରତିଭା, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

# ବାବେବିରା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍



ଉପସ୍ଥିତ ଜୟନ୍ତି ଯୁବକ ସଂଘ ।

**ଅତାବିରା,୩୧।୮(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ବାବେବିରା ଗ୍ରାମରେ ଜୟନ୍ତୀ ଯୁବକ ସଂଘ ଆନୁକୂଲ୍ୟରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖେଳଶିକ୍ଷକ ଭାବେ ପାରଦର୍ଶିତା ଲାଭ କରିଥିବା ଗାଁ ଝିଅ ସ୍ୱର୍ଗତା ପୁଷ୍ପଲତା ନାଏକଙ୍କ ସ୍ମୃତିରେ ସଙ୍ଘ ଦ୍ୱାରା ଆୟୋଜନ କରାଯାଇଥିବା ଖେଳ ଧୀରେ ଧୀରେ ନିଶ୍ଚିହ୍ନ ହେବାର ଶେଷ ପାହାଚରେ ପହଞ୍ଚି ସାରିଥିବା 'ବାଗଡି' ଓ 'କଁସାଡ଼ି' ପ୍ରତିଯୋଗିତା। ବାଗଡ଼ି ପ୍ରତିଯୋଗିତାରେ ଲୋକବନ୍ଧୁ ନାଏକ ଓ କଁସାଡ଼ି ପ୍ରତିଯୋଗିତାରେ ବିଜୟା ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଚାରକ ଆସନରେ ଦିବାକର ପ୍ରଧାନ, ଖେଳ ପରିଚାଳନା କରିଥିଲେ ବିକ୍ରମ କେଶରୀ ସାହୁ, ହୃଷୀକେଶ ବେହେରା, ଅମୃତ ବାରିକ ଓ ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନାଟକ ଶେଷପତ୍ର ମଞ୍ଚସ୍ଥ କରାଯାଇଥିଲା। ପୁଷ୍ପଲତା ନାଏକ ସ୍ମୃତି ସ୍ମାରକୀ ତରଫରୁ ପ୍ରଶ୍ନୋତ୍ତରୀ, ହୁଳହୁଳି, ଗୀତ, ନୃତ୍ୟ, ବାଗଡ଼ି ଓ କଁସାଡ଼ି ପ୍ରତିଯୋଗିତାରେ ବିଜୟୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ବୌଦ୍ଧଗଡ଼ ଏନ୍‌ଏସି ହେଲା ମ୍ୟୁନିସିପାଲିଟି

**ବୌଦ୍ଧ,୩୧।୮(ଅଜିତ କୁମାର ବାରିକ)**

ଐତିହାସିକ ବୌଦ୍ଧ ଗଡ଼ଜାତ ସହର ୧୯୬୧ ମସିହାରେ ଏନ୍‌ଏସି ମାନ୍ୟତା ପାଇଥିଲା। କିନ୍ତୁ ଏନ୍‌ଏସିକୁ ମ୍ୟୁନିସିପାଲଟି କରିବା ପାଇଁ ଗଡଜାତ ବୌଦ୍ଧବାସୀଙ୍କ ଦୀର୍ଘଦିନର ପ୍ରମୁଖ ଦାବି ଥିଲା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସେତେବେଳର ରାଜ୍ୟ ସରକାର ବୌଦ୍ଧ ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରିଥିବା ବେଳେ ଜିଲାର କଣ୍ଟାମାଳ, ମନମୁଣ୍ଡା, ବାଉଁଶୁଣୀ ଓ ପୁରୁଣାକଟକକୁ ମଧ୍ୟ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ଏହା କାର୍ଯ୍ୟକାରୀ କରାଯାଇ ନ ଥିଲା। ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭ଟି ମ୍ୟୁନିସିପାଲଟି ଓ ୧୬ଟି ଏନ୍‌ଏସି ଘୋଷଣା କରିଛନ୍ତି। ବୌଦ୍ଧ ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରିବା ପରେ ସହରରେ ଆନନ୍ଦ ଖେଳିଯାଇଛି। ସୂଚନାଯୋଗ୍ୟ, ବୌଦ୍ଧଗଡ଼ ଏନ୍‌ଏସିକୁ ମ୍ୟୁନିସିପାଲଟି କରିବା ପାଇଁ ଜିଲାର ଓକିଲ ସଂଘ, ନାଗରିକ କମିଟି, ବରିଷ୍ଠ ନାଗରିକ ମଞ୍ଚ, ବିଜେଡି, କଂଗ୍ରେସ, ଭାଜପା ଓ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଆସୁଥିଲା। ବୌଦ୍ଧଗଡ ଏନ୍‌ଏସି ପକ୍ଷରୁ ମଧ୍ୟ ବହୁବାର କାଉନସିଲ ବୈଠକରେ ନିଷ୍ପତ୍ତି ଗ୍ରହଣ କରି ରାଜ୍ୟ ସରକାରଙ୍କ ନିକଟକୁ ଦାବି ପଠାଯାଇଥିଲା। ବର୍ତ୍ତମାନ ବୌଦ୍ଧ ଏନ୍‌ଏସି ୧୭ଟି ୱାର୍ଡକୁ ନେଇ ଗଠିତ। ରାଜ୍ୟ ସରକାର ମ୍ୟୁନିସିପାଲଟି ଘୋଷଣା କରିବା ପରେ ପୁରା ସହରରେ ଆତସବାଜୀରେ କମ୍ପି ଉଠିଥିଲା। ସରକାର ବୌଦ୍ଧ ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରିବା ପରେ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି, ବୌଦ୍ଧ ଜିଲାବାସୀଙ୍କ ବହୁଦିନର ଆଶା ପୂରଣ ହୋଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମ୍ୟୁନିସିପାଲଟି ହେବା ଦ୍ୱାରା ସହରର ଉନ୍ନତି ଆହୁରି ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ସରକାର ଜିଲାର କଣ୍ଟାମାଳ, ମନମୁଣ୍ଡା, ବାଉଁଶୁଣୀ ଓ ପୁରୁଣାକଟକକୁ ନିର୍ବାଚନ ପୂର୍ବରୁ ଏନ୍‌ଏସି କରିବାକୁ ଘୋଷଣା କରିଥିଲେ। କିନ୍ତୁ ଏହା କାର୍ଯ୍ୟକାରୀ ହୋଇ ନ ଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଆଶା ରହିଥିଲା ବର୍ତ୍ତମାନର ସରକାର ଏନ୍‌ଏସି ଘୋଷଣା କରିବେ। କିନ୍ତୁ ସରକାର ବୌଦ୍ଧ ଜିଲାରୁ ଗୋଟିଏ ହେଲେ ଏନ୍‌ଏସି ଘୋଷଣା କରି ନ ଥିବାରୁ ଲୋକେ ନିରାଶ ହୋଇଛନ୍ତି। ଏଥିପାଇଁ ଆଗାମୀ ଦିନରେ ଆନ୍ଦୋଳନ ହେବା ଆଶଙ୍କା ରହିଛି।

# ମାଁ ଭୈରବୀଙ୍କ ୧୬ ପୂଜା ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ୧୬ ଖଣ୍ଡ ମୌଜାର ସଦସ୍ୟ।

**ହରଭଙ୍ଗା,୩୧।୮(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲାର ଅଧିଷ୍ଠାତ୍ରୀ ଦେବୀ ପୁରୁଣାକଟକ ବାସିନୀ ମାଁ ଭୈରବୀଙ୍କ ୧୬ ପୂଜା ପାଇଁ ପୁରୁଣାକଟକସ୍ଥିତ ମାଁ ଭୈରବୀଙ୍କ ମନ୍ଦିର ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ସୁରେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୬ ଖଣ୍ଡ ମୌଜାର ସଦସ୍ୟ ଉପସ୍ଥିତ ଥିଲେ। ମାଁ ଭୈରବୀଙ୍କ ଖଣ୍ଡାବସା ପର୍ବ କିପରି ସୁଚାରୁ ରୂପେ ହୋଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ତା୧୪।୦୯।୨୦୨୫ରିଖ ମୂଳାଷ୍ଟମୀ ଦିନ ମାଁ ଭୈରବୀଙ୍କ ଖଣ୍ଡାବସା ପର୍ବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ବୈଠକରେ ସୁରେନ ପ୍ରଧାନ, ଗରୁଡ ପ୍ରଧାନ, ରବି ପ୍ରଧାନ, ସରୋଜ ପ୍ରଧାନ, ଶଳିଲ ଭୋକ୍ତା, ରସାନନ୍ଦ ସାହୁ, ସରତ ମହାଲିକ, ଅଜିତ ଦେହୁରୀ, ସତ୍ୟାନନ୍ଦ ପୁରୋହିତ, ବାଳକୃଷ୍ଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୌର ପରିଷଦ ମାନ୍ୟତା ପରେ ବିକାଶ ତ୍ୱରାନ୍ୱିତ ହେବ

## ବୌଦ୍ଧରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ବୌଦ୍ଧ,୩୧।୮(ଅଜିତ କୁମାର ବାରିକ)**



ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଟାଉନହଲସ୍ଥିତ ଗୁରୁ ଭିକାରୀ ନାୟକ କଳାମଣ୍ଡପରେ ରବିବାର ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧ ପୌର ପରିଷଦ ମାନ୍ୟତା ଡବଲ ଇଞ୍ଜିନ ସରକାରର ଦୃଢ ନିଷ୍ପତ୍ତି ଯୋଗୁ ସମ୍ଭବ ହୋଇପାରିଥିବା ପ୍ରକାଶ କରିଥିଲେ। ପର୍ଯ୍ୟାୟକ୍ରମେ ଜିଲାର ଅନ୍ୟ ଅଞ୍ଚଳଗୁଡିକୁ ଏନ୍‌ଏସି ମାନ୍ୟତା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଅଧ୍ୟକ୍ଷ ମିଶ୍ର ବୌଦ୍ଧ ଏନ୍‌ଏସି ସମସ୍ୟା ନେଇ କହିଥିଲେ, ସହରାଞ୍ଚଳ ବିକାଶ ନେଇ ରାଜ୍ୟ ସରକାର ୭୫ ଲକ୍ଷ ଟଙ୍କା ଓ ବିଧାୟକ ପାଣ୍ଠିରୁ ୧.୨୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିବାବେଳେ ସ୍ଥାନାଭାବ ଯୋଗୁ ଅନେକ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ବିଶେଷ କରି ସହରାଞ୍ଚଳର ୨୧ଟି ରାସ୍ତାର ଉନ୍ନୟନ କାମ ହାତକୁ ନିଆଯାଇଥିବାବେଳେ ୧୯ଟି ରାସ୍ତା ନିର୍ମାଣରେ ଜାଗା ସମସ୍ୟା ରହିଛି। ସେହିପରି ପରିଷଦ ପାଖରେ ପାଣ୍ଠି ରହିଥିଲେ ମଧ୍ୟ ବୁଟୁପାଲି ଓ କାଲେଶ୍ୱର ନିକଟରେ ଦୁଇଟି ଶ୍ମଶାନ ଘାଟ ନିର୍ମାଣ ପାଇଁ ଜାଗା ହସ୍ତାନ୍ତର ହୋଇପାରୁନାହିଁ। ସହରରେ ଜାଗା ସମସ୍ୟା ରହିଛି ଏବଂ ତାର ସମାଧାନ ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ତେବେ ପୌର ପରିଷଦ ମାନ୍ୟତା ପାଇବା ପରେ ସହରାଞ୍ଚଳ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଅଧ୍ୟକ୍ଷ ମିଶ୍ର ଆଶାବ୍ୟକ୍ତ କରିଥିଲେ। ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷା ସୁଭାଷିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାତଃ ରାମଧୂନ, ସକାଳେ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ ସହ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଶାରୀରିକ ଭିନ୍ନକ୍ଷମ ସ୍କୁଲରେ ଉପହାର ବଣ୍ଟନ, ସନ୍ଧ୍ୟାରେ ଟାଉନହଲରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ, ମଧୁବାବୁ ପେନସନ ବଣ୍ଟନ ଓ ମର୍ଯ୍ୟାକୁଦରେ ବହୁମୁଖି କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ବିଜ୍ଞପ୍ତି ନଂ.:** ସିଏଓ/ସି/ ବିଏସ୍‌ପି/୨୫-୨୬/୧, ତାରିଖ: ୧୯.୦୮.୨୦୨୫ (ଖୋଲା ଟେଣ୍ଡର) (ଦୁଇ ପ୍ୟାକେଟ୍ ପ୍ରଣାଳୀ) ।
**କାର୍ଯ୍ୟର ନାମ:** ଛତିଶଗଡ଼ ରାଜ୍ୟରେ ଇପିସି ପଦ୍ଧତିରେ "ଦୁର୍ଗ-ରାଜନନ୍ଦଗାଓଁ (୩୧.୦ କିମି) ଓ ସରୋନା-ଭିଲାଇ (୧୭.୩୦ କିମି) ସେକ୍ସନ ମଧ୍ୟରେ ୪ର୍ଥ ଲାଇନ୍ ନିର୍ମାଣ" ସଂକ୍ରାନ୍ତରେ ପ୍ରତ୍ୟେକ ଆପ୍ରୋଚ୍‌ରେ ୩୦୦ ମିଟର ପର୍ଯ୍ୟନ୍ତ ଫର୍ମେଶନ୍ ସମେତ ୦୧ ଗୋଟି ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ ୦୪ ଗୋଟି ବଡ଼ ସେତୁର ନିର୍ମାଣ ।
**ଟେଣ୍ଡର ମୂଲ୍ୟ:** ₹୧,୨୬,୬୪,୮୨,୬୮୨.୯୪/- **ଇଏମ୍‌ଡି:** ₹୬୩,୩୨,୪୦୦.୦୦/-, **କାର୍ଯ୍ୟର ସମାପ୍ତି ଅବଧି:** ସ୍ୱୀକୃତି ପତ୍ର ତାରିଖରୁ ୭୨୦ (ସାତଶହ କୋଡ଼ିଏ) ଦିନ ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।
**ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୩୦ ଘଟିକାରେ ।
ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରଶାସନିକ ଅଧିକାରୀ, ସିଓଏନ୍/ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ରାୟପୁର- ପିନ୍: ୪୯୨୦୦୯, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ପଶ୍ଚିମ/ନିର୍ମାଣ/ଦ.ପୂ.ମ. ରେଳପଥ, ନାଗପୁର- ପିନ୍: ୪୪୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ଅଥବା ଆମର ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ
CPR/10/FL/276 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

# ଫୁଟ୍‌ବଲ: ଗୋହ୍ଲାମା ଦଳ ଚାମ୍ପିୟନ



ଫାଇନାଲ ମ୍ୟାଚ୍‌ରେ ଖେଳାଳି ଓ ଅତିଥି ।

**ବୌଦ୍ଧ,୩୧।୮(ଅଜିତ କୁମାର ବାରିକ)**

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବୌଦ୍ଧଗଡ଼ ଏନ୍‌ଏସି ପକ୍ଷରୁ ଜିଲା ଷ୍ଟାଡିୟମରେ ଚାଲିଥିବା ଏନ୍‌ଏସିସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ଖେଳ ପଞ୍ଚାୟତ ମହାବିଦ୍ୟାଳୟ ବୌଦ୍ଧ ଓ ଗେହ୍ଲାମାଁ କ୍ଲବ ନୂଆସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଗେହ୍ଲାମାଁ କ୍ଲବ ନୂଆସାହି ୪-୨ ଗୋଲରେ ବିଜୟୀ ହୋଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ରେଫରି ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିବା ବେଳେ ଲାଇନରେ ସଲିଲ ବେହେରା ଓ ଅମିତ ନାୟକ ଏବଂ ଚତୁର୍ଥ ରେଫରୀ ବଳରାମ ବେହେରା ଓ ଚନ୍ଦନ ମହାରଣା ଥିଲେ। ଉଦ୍‌ଯାପନୀ ଉତ୍ସବରେ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟ ଅତିଥି, ଉପାଧ୍ୟକ୍ଷା ସୁଭାଷିନୀ ସେଠୀ, ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଆସିଷ୍ଟାଣ୍ଟ ଇଞ୍ଜିନିୟର ପବିତ୍ର ମୋହନ ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦର ଓମ୍ ପ୍ରକାଶ ବେହେରା, ବିଭୂରଞ୍ଜନ ପାତ୍ର, ପୂର୍ବତନ ଖେଳାଳୀ ସୁନିଲ ପରିଡା, ନିରୋଦ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରିତ୍‌କୁମାର ରାଉତ ଓ ଏନ୍‌ଏସି କର୍ମଚାରୀ, ଯୁବ ଖେଳାଳିମାନଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହେଉଥିଲା।

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/06**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | **Corrigendum to Tender Enquiry No. TPCODL/ P&S/ FY 25-26/1000004392 & TPCODL/ P&S/ FY 25-26/ 1000004394 published on Newspaper** (Pratidin, Dharitri & Statesman) **Dt.10.07.2025** "Tender document against above tender enquiry will be available on TPCODL website from **Dt.02.09.2025**" | (I) Open Tender for 02 Years Rate Contract for supply of 630 Amp, Feeder Pillar box. (TPCODL/ P&S/ FY 25-26/ 1000004392)<br>(II) Open Tender for 02 Years Rate Contract for supply of 630 KVA, 11/0.4 KV Compact Substation. (TPCODL/ P&S/ FY 25-26/1000004394) |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବଡ଼ଗାଁ,୩୧।୮ (ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଥାନା ଅନ୍ତର୍ଗତ ରୁନଗାଁ ଦେମୁଲପଡାର ଜଣେ ବୃଦ୍ଧ ପୋଖରୀରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଲଳିନ୍ଦ୍ର ତାଜନ। ଏନେଇ ବଡ଼ଗାଁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଲଳିନ୍ଦ୍ର ଶନିବାର ସକାଳେ ଗ୍ରାମ ନିକଟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ପୋଖରୀରେ ତାଙ୍କର ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ।

### ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ଜବତ

ଟେନସା,୩୧।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା କାଶୀରା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀପାଟ ମେଡ ଜଙ୍ଗଲରୁ ରବିବାର ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ଜବତ କରାଯାଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଘଟଣା ସ୍ଥଳରେ ମାଚିସ, ଡିଜେଲ ଥିବା ଡବା ଏବଂ ଚପଲ ପଡି ରହିଥିଲା। କୋଇଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପାରିର୍ଶ୍ୱିକ ସ୍ଥିତି ପରଖୀ ଅନୁଧାନ କରିଥିଲେ। ରାଉରକେଲାରୁ ସାଇଣ୍ଟିଫିକ ଟିମ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ପଠାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ରବିବାର ସକାଳୁ କାଶୀରା ଗ୍ରାମବାସୀ ବ୍ରାହ୍ମଣୀପାଟ ମେଡ ଜଙ୍ଗଲକୁ ଯାଇଥିଲେ। ଗନ୍ଧ ହେବାରୁ ଗ୍ରାମବସୀ ଯାଇ ଦେଖିଲା ବେଳକୁ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

କୁଆଁରମୁଣ୍ଡା,୩୧।୮ (ମହେନ୍ଦ୍ର କୁମାର ସାହୁ)

ଗଞ୍ଜେଇ ଚୋରା ଚାଲାଣ ବେଳେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ମଙ୍ଗଲାଲ ଦଫେଇର ଲାଦୁଲାଲ ରାଏ(୫୫)ଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କ ନିକଟରୁ ୫ କିଗ୍ରା ୨ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା(ନଂ.୩୧୮/୨୫) ରୁଜୁ ହୋଇଥିବା ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି। ଆଇଆଇସି ନାଗଙ୍କ ସୂଚନା ଅନୁସାରେ, ଅଭିଯୁକ୍ତ ଲାଦୁଲାଲ ଉକ୍ତ ଗଞ୍ଜେଇକୁ ବିକ୍ରି କରିବା ପାଇଁ ରାଞ୍ଚି ବସକୁ ଅପେକ୍ଷା କରିଥିଲେ। ବସରେ ଚଢିବା ପୂର୍ବରୁ ପୋଲିସ ହାବୁଡ଼ରେ ଧରା ପଡ଼ିଥିଲେ।

# ସଫେଇ କର୍ମଚାରୀଙ୍କୁ ପ୍ରଶଂସାକଲେ ପୌରାଧ୍ୟକ୍ଷ



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ।

### ବୀରମିତ୍ରପୁର ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ

କୁଆଁରମୁଣ୍ଡା,୩୧।୮ (ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ପୌରପାଳିକାରେ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସଫେଇ କର୍ମଚାରୀଙ୍କ ଉଦ୍ୟମକୁ ବେଶ ପ୍ରଶଂସା କରିଥିଲେ। ଚଳିତବର୍ଷ ବୀରମିତ୍ରପୁର ସହରର ସ୍ୱଚ୍ଛତା ବୃଦ୍ଧି ପାଇଛି ବୋଲି ପୌରାଧ୍ୟକ୍ଷ ମିଶ୍ର କହିବା ସହ ସ୍ୱାୟତ୍ତ ଶାସନ ଦିବସର ପରିକଳ୍ପନା ଲର୍ଡ ରିପନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଓ ଏହା ଦ୍ୱାରା ଶାସନ ବ୍ୟବସ୍ଥା ଲୋକଙ୍କ ହାତରେ ରହିବାରୁ ବିକାଶ ପ୍ରକ୍ରିୟାର ସରଳୀକରଣ ହୋଇପାରୁଛି ବୋଲି ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମ ବୀରମିତ୍ରପୁର ପୌରପାଳିକା ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରପାଳିକା ଉପାଧ୍ୟକ୍ଷା ନିବେଦିତା ବାଗେ, ୱାର୍ଡ ସଭ୍ୟ କମଲେଶ ସିଂ, ନିର୍ମଳା କୁଜୁର, ସୁନିଲ ତିୱାରୀ, ସୁନିଲ କଇଥା, ସାମାଜିକ କର୍ମୀ ଜଗଦୀଶ ଅଗ୍ରୱାଲ, ବିକେ ଶୁକ୍ଳା, ଗୁଲାମ ଅହମ୍ମଦ, ଭିକାରୀ ପାଣିଗ୍ରାହୀ, ଲାଲନ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସହରର ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିର୍ସା ମୁଣ୍ଡା ଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତୀରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୌର କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ଏଥର ବି ଏନ୍ଏସି ତାଲିକାରେ ସ୍ଥାନ ପାଇଲାନି

## ବଣାଇଁ ପୁଣି ଉପେକ୍ଷିତ

ବଣାଇଁ, ୩୧।୮ (ପ୍ରଦୀପ ତ୍ରିପାଠୀ)

ରାଜ୍ୟ ସରକାର ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଘୋଷଣା ନେଇ ଏବେ ତତ୍ପର ଅଛନ୍ତି। ଏହି କ୍ରମରେ ଗତ ଅଗଷ୍ଟ ୧୬ ତାରିଖରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୨ଟି ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ ବଣାଇଁକୁ ସ୍ଥାନ ମିଳି ନ ଥିଲା। ସେହିପରି ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣି ୧୬ଟି ନୂତନ ଏନ୍ଏସି ଓ ୭ଟି ପୌର ପରିଷଦ ଘୋଷଣା କରିଛନ୍ତି। ଏହି ତାଲିକାରେ ବଣାଇଁ ନ ଥିବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବଣାଇଁକୁ ଏନ୍ଏସି କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ରାଜ୍ୟରେ ଭାଜପା ସରକାର ଆସିବା ପରେ ଅଗଷ୍ଟ ୧୬ରେ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଘୋଷଣା କରିଥିଲେ। ଏଥିରେ ବଣାଇଁ ବାଦ୍ ପଡିଥିଲା। ଗତ ଅଗଷ୍ଟ ୨୦ତାରିଖରେ ଏ ନେଇ ବଣାଇଁ କ୍ରିୟାନୁଷ୍ଠାନ କମିଟି ଏକ ବୈଠକ କରିଥିଲା ଏବଂ ୨୪ ତାରିଖରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କୁ ଭେଟି ଦାବି ଜଣାଇଥିଲେ। ସେହିପରି ବଣାଇଁ ସଚେତନ ନାଗରିକ ମଞ୍ଚ ତରଫରୁ ଲହୁଣୀପଡ଼ାଠାରେ ଗତ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ମଧ୍ୟ ବିଜୁ ଜନତା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ବଣାଇଁକୁ ଏନ୍ଏସି କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ତେବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏମ୍‌ପି ଜୁଏଲଙ୍କୁ ଫୋନ୍ କରି ବଣାଇଁକୁ ଏନ୍ଏସି ଘୋଷଣା କରାଯିବ ବୋଲି ସୂଚନା ଦେବା ପରେ ଏମ୍‌ପି ଓରାମ ଗତ ୨୫ ତାରିଖରେ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ପୋଷ୍ଟ କରି ସେଥିରେ ବଣାଇଁ ବାସୀଙ୍କୁ ବଧାଇ ଜଣାଇଥିଲେ। ଏହାପରେ ବଣାଇଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିଲା। ଶାସକ ଦଳ ତରଫରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବଣାଇଁକୁ ନିଶ୍ଚିତ ଭାବେ ଏନ୍ଏସି ଘୋଷଣା କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରାଯାଇଥିଲା। ତେବେ ରବିବାର ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନୂତନ ଏନ୍ଏସି ଓ ପୌର ପରିଷଦ ଘୋଷଣା କରିଥିବାବେଳେ ସେଥିରେ ବଣାଇଁ ନାଁ ରହିଥିବା ପ୍ରଚାର କରାଯାଇଥିଲା। ହେଲେ ଏନ୍ଏସି ତାଲିକାରେ ବଣାଇଁ ନ ଥିବାରୁ ଲୋକମାନଙ୍କୁ ନିରାଶ ହେବାକୁ ପଡ଼ିଛି। କିନ୍ତୁ ଏବେ ବଣାଇଁ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ବିରୋଧ କରିଛି ବିଜେଡି। ଆଗାମୀ ଦିନରେ ବିଜେଡି ବଣାଇଁବାସୀଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ସାଇକେଲ ରାଲି



ଜିଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି।

ସୁନ୍ଦରଗଡ଼,୩୧।୮ (ଜୟ ନାରାୟଣ ମେଣ୍ଟୁଳି)

ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ଦିନକୁ ଜାତୀୟ କ୍ରିଡା ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅଗଷ୍ଟ୨୯ ତାରିଖରୁ ୩୧ତାରିଖ ପର୍ଯ୍ୟନ୍ତ ୩ ଦିନ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ରବିବାର ବିକାଶ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମେଜର ଧ୍ୟାନ ଚାନ୍ଦଙ୍କ ଫଟୋ ଚିତ୍ରରେ ଅତିଥି ଓ କ୍ରିଡାବିତମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପ ମାଲ୍ୟା ଅର୍ପଣ କରି ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଆୟୋଜିତ ସାଇକେଲ ରାଲିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ନିଜେ ଛାତ୍ରୀଛାତ୍ରଙ୍କ ସହିତ ସାଇକେଲ ରାଲିରେ ଭାଗ ନେଇ ସାଇକେଲ ଚାଳନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାଇକେଲ ରାଲି ବିକାଶ ଭବନଠାରୁ ବାହାରି ଲୁହୁରାଡିପା ପର୍ଯ୍ୟନ୍ତ ଯାଇ ପୁଣି ବିକାଶ ଭବନକୁ ଫେରିଥିଲା। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ସରକାରୀ ଅଧିକାରୀ ଓ କ୍ରିଡାବିତ ଭାଗ ନେଇଥିଲେ। ଚଳିତ ବର୍ଷ ଫିଟ ଇଣ୍ଡିଆ ଦ୍ୱାରା ଦିଆଯାଇଥିବା ଥିମ ଏକ ଘଣ୍ଟା ଖେଳପଡିଆରେ କୁ ଆଧାର କରି ଏହି ସାଇକେଲ ରାଲି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଏହି ରାଲିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ଭବାନୀ ଭବନ ଷ୍ଟାଡିୟମର ପରିଚାଳକ ସୁଶୀଲ କୁମାର ମିଶ୍ର, ସ୍କୁଲ ଓ କଲେଜର କ୍ରୀଡା ଶିକ୍ଷକ, ସମାଜସେବୀ ଜୟନ୍ତ ପଟେଲ, ଜିଲା କ୍ରୀଡ଼ା ବିଭାଗର ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଡ଼ଗାଁ,୩୧।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିକିଲିପଡ଼ା ପଞ୍ଚାୟତ ଲେଲେପଡା ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ଜବତ ହୋଇଛି। ମୃତକହେଲେ ନକୁଳ ପ୍ରଧାନ (୨୪)। ଏନେଇ ବଡ଼ଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଲହୁଣୀପଡା,୩୧।୮ (ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଗମଲେଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ରବିବାର ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ଯୁଗଳ କିଶୋର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଧର୍ମେନ୍ଦ୍ର କୁମାର ପଣ୍ଡା ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶକ୍ତିନଗର ହାଇସ୍କୁଲ ଶିକ୍ଷକ ଶ୍ୟାମାପଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ଶିକ୍ଷକ କୁଞ୍ଜବିହାରି ପତି, ମୁଖ୍ୟବକ୍ତା ଅଶୋକ କୁମାର ସାମଲ, ସମ୍ମାନିତ ଅତିଥିଭାବେ ଏବିଇଓ ନରହରି କିସାନ, ଡା. ରୁଦ୍ର ନାରାୟଣ ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ, ସୁରଞ୍ଜନ ପାଢ଼ୀ, ବିରଞ୍ଚି ନାରାୟଣ ସାହୁ, ବିପିନ ବିହାରୀ ସାହୁ, କୁମାର ଗୌତମ ବାରିକ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଫୁଲ ଚନ୍ଦନ, ପୁଷ୍ପଗୁଚ୍ଛ ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ୧୯୮୭ରେ କୁର୍ଡା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ରବୀନ୍ଦ୍ର ପ୍ରଥମେ ନିଯୁକ୍ତି ପାଇଥିବା ବେଳେ ୨୦୨୧ ମସିହାରେ ପଦୋନ୍ନତୀ ପାଇ ପ୍ରଧାନ ଶିକ୍ଷକଭାବେ ଗମଲେଇ ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଥିଲେ।

# ସୁନ୍ଦରଗଡ଼ର ବିକାଶ ପାଇଁ ଉଦ୍ୟମ ଲୋଡ଼ା



କାର୍ଯ୍ୟକ୍ରମରେ ଏମ୍‌ପି ଜୁଏଲ ଓରାମଙ୍କ ସହ ଅନ୍ୟ ଅତିଥିମାନେ।

### ସୁନ୍ଦରଗଡ଼ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ

ସୁନ୍ଦରଗଡ,୩୧।୮ (ଜୟ ନାରାୟଣ ମେଣ୍ଟୁଳି)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡିକର ସଫଳ କାର୍ଯ୍ୟକାରୀ ସହ ସୁନ୍ଦରଗଡ଼ ସହରର ବିକାଶକୁ ଆଗେଇ ନେବା ପାଇଁ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେବା ଆବଶ୍ୟକ ବୋଲି ରବିବାର ସୁନ୍ଦରଗଡ଼ ପୌରପରିଷଦ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସଂସ୍କୃତି ଭବନଠାରେ ସନ୍ଧ୍ୟାରେ ଏହି ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଆଦିବାସୀବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସ୍ୱତନ୍ତ୍ର ଅତିଥି ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ମାନିତ ଅତିଥି ସଦର ବିଧାୟକ ଯୋଗେଶ କୁମାର ସିଂହ, ଜିଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ଓ ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା ଯୋଗଦେଇଥିଲେ। ପୌରାଧ୍ୟକ୍ଷା ତନୟା ମିଶ୍ର ସମାରୋହରେ ଅଧ୍ୟକ୍ଷତା କରି ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସୁନ୍ଦରଗଡକୁ ରାଜ୍ୟର ଶ୍ରେଷ୍ଠ ସହରରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସହରବାସୀଙ୍କୁ ମୌଳିକ ସେବା ଯୋଗାଇ ଦେବା ସହ ରାସ୍ତା ଘାଟ, ଆଲୋକ, ପାନୀୟ ଜଳ ଓ ସାମଗ୍ରୀକ ବିକାଶକୁ ଧ୍ୟାନ ଦେଇ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ବିବରଣୀ ପାଠ କରିଥିଲେ। ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡାଙ୍କ ସମେତ ସମସ୍ତ କାଉନସିଲ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିସହିତ ସମସ୍ତ କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରାଯିବାସହ ମା'ଙ୍କ ନାମରେ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା। କାଉନସିଲର ସୁମନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ସକାଳେ ସହରରେ ରାମଧୂନ ପ୍ରଚାର ସହିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଗୁଡିକରେ ମାଲ୍ୟାର୍ପଣ ପରେ ପୌର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଜରାଶ୍ରମ ଓ ଆଦୃତ ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ଫଳ ବଣ୍ଟନ କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀ ଓରାମ ଓ ଉପବାଚସ୍ପତି ଭୋଇଙ୍କ ଦ୍ୱାରା ସହରର ବିଭିନ୍ନ ୱାର୍ଡରେ ଜନହିତକର କାର୍ଯ୍ୟ, ମାର୍କେଟ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ, ଚାରା ରୋପଣ ଆଦି କରାଯାଇଥିଲା। ସେହିପରି ୱାର୍ଡ ନମ୍ବର ୭ର ମହାନ୍ତିଆପଡାରେ ନବ ନିର୍ମିତ ବହୁମୁଖୀ ଭବନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ପୌରପାଳିକାର ସମସ୍ତ କର୍ମଚାରୀ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ପରିଚାଳନା କରିଥିଲେ।

# ଜଙ୍ଗଲରେ ପାଦ ଚିହ୍ନ ନେଇ ତଦନ୍ତ

## ବଣାଇଁ ବନାଞ୍ଚଳରେ ବାଘ ଭୟ

- କଲରାପତରିଆ ବା ଚିତା ପାଦଚିହ୍ନ ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି
- ଲାଗିଲା ଟ୍ରାପ୍ କ୍ୟାମେରା
- ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା

ବଣାଇଁ, ୩୧।୮ (ପ୍ରଦୀପ ତ୍ରିପାଠୀ)

ବଣାଇଁ ବନଖଣ୍ଡ ଅଧୀନ ବଣାଇଁ ବନାଞ୍ଚଳ ଅନ୍ତର୍ଗତ ଘୁଷୁରା ଜଙ୍ଗଲରେ ରବିବାର ଏକ ପାଦ ଚିହ୍ନ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ବାଘ ପାଦଚିହ୍ନ ନାଁ ସେହି ଜାତୀୟ ଅନ୍ୟ କୌଣସି ପ୍ରାଣୀର ତାକୁ ନେଇ ବନବିଭାଗ ବିଶେଷଜ୍ଞ ଦଳର ସହାୟତା ଲୋଡ଼ାଯାଇଥିଲା। ସନ୍ଧ୍ୟାରେ ପଦଚିହ୍ନ ନିଶ୍ଚିତ ଜଙ୍ଗଲୀ ହିଂସ୍ର ଜନ୍ତୁର ବୋଲି ସ୍ପଷ୍ଟ ହେବା ପରେ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଘୁଷୁରା, ଗୋବିନ୍ଦପୁର, ବେଲଡିହି, ପତ୍ରାପାଲି ମୁଣ୍ଡା ସାହି, କ୍ଷେଣ୍ଟପୁର ଗ୍ରାମ ଆଖପାଖରେ ବନବିଭାଗ ସତର୍କ ସୂଚନା ଜାରି କରିଛି। ତଦନ୍ତ ପରେ ଯଦିଓ ମହାବଳବାଘର ପାଦଚିହ୍ନ ନେଇ ସ୍ପଷ୍ଟତା ନାହିଁ। ଏହା କଲରାପତରିଆ ବା ଚିତା (ଲିଓପାର୍ଡ)ର ପାଦଚିହ୍ନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ତଦନ୍ତକାରୀ ଦଳ ସୂଚନା ଦେଇଛନ୍ତି। ପୁନଶ୍ଚ ବନବିଭାଗ ପକ୍ଷରୁ ଘୁଷୁରା ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲଗାଯାଇଛି ଓ ବ୍ୟାପକ ପେଟ୍ରୋଲିଂ କରାଯାଉଛି। ଅନ୍ୟ ବୈଜ୍ଞାନିକ ପଦ୍ଧତିରେ ମଧ୍ୟ ଟ୍ରାକିଂ ଚାଲିଛି। ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ବନଖଣ୍ଡର ସୋଲ ବନାଞ୍ଚଳରେ ବୁଲୁଥିବା ମହାବଳ ବାଘ ଭୟ ଏବେ ଚର୍ଚ୍ଚାରେ ଥିବା ନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ସମ୍ପୃକ୍ତ ଜଙ୍ଗଲ ସଂଲଗ୍ନ ଗ୍ରାମ ଗୁଡିକରେ ସନ୍ଧ୍ୟାରୁ ଟାଟିକବାଟ ପଡିଯାଇଥିବା ଦେଖିବାକୁ ମିଳିଛି।



ଜଙ୍ଗଲରେ ପାଦଚିହ୍ନ ଚିହ୍ନଟ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିଏଓ/ସି/ ବିଏସ୍‌ପି/୨୫-୨୬/୧, ତାରିଖ: ୧୯.୦୮.୨୦୨୫ (ଖୋଲା ଟେଣ୍ଡର) (ଦୁଇ ପ୍ୟାକେଟ୍ ପ୍ରଣାଳୀ)।
କାର୍ଯ୍ୟର ନାମ: ଛତିଶଗଡ଼ ରାଜ୍ୟରେ ଇପିସି ପଦ୍ଧତିରେ "ଦୁର୍ଗ-ରାଜନନ୍ଦଗାଓଁ (୩୧.୦ କିମି) ଓ ସରୋନା-ଭିଲାଇ (୧୭.୩୦ କିମି) ସେକ୍ସନ ମଧ୍ୟରେ ୪ର୍ଥ ଲାଇନ୍ ନିର୍ମାଣ" ସଂକ୍ରାନ୍ତରେ ପ୍ରତ୍ୟେକ ଆପ୍ରୋଚ୍‌ରେ ୩୦୦ ମିଟର ପର୍ଯ୍ୟନ୍ତ ଫର୍ମେଶନ୍ ସମେତ ୦୧ ଗୋଟି ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ ୦୪ ଗୋଟି ବଡ଼ ସେତୁର ନିର୍ମାଣ।
ଟେଣ୍ଡର ମୂଲ୍ୟ: ₹୧,୨୬,୬୪,୮୨,୭୮୨.୯୪/-
ଇଏମ୍‌ଡି: ₹୬୩,୩୨,୪୦୦.୦୦/-, କାର୍ଯ୍ୟର ସମାପ୍ତି ଅବଧି: ସ୍ୱୀକୃତି ପତ୍ର ତାରିଖରୁ ୭୨୦ (ସାତଶହ କୋଡ଼ିଏ) ଦିନ।
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୧୭.୧୨.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।
ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୧୭.୧୨.୨୦୨୫ରିଖ ୧୫.୩୦ ଘଟିକାରେ।
ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରଶାସନିକ ଅଧିକାରୀ, ସିଓଏନ/ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ), ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ରାୟପୁର- ପିନ୍: ୪୯୨୦୦୯, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ପଶ୍ଚିମ/ନିର୍ମାଣ/ଦ.ପୂ.ମ. ରେଳପଥ, ନାଗପୁର- ପିନ୍: ୪୪୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ଅଥବା ଆମର ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ
CPR/10/FL/276 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail


# ସେପ୍ଟେମ୍ବର ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ସୁନ୍ଦରଗଡ,୩୧।୮ (ଜୟ ନାରାୟଣ ମେଣ୍ଟୁଳି)

ବିନା ମୂଲ୍ୟରେ ଜନସାଧାରଣଙ୍କୁ ଆଇନ ସେବା ଯୋଗାଇ ଦେବା ପାଇଁ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧୀକରଣ ଏବଂ ଓଡିଶା ଆଇନ ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ ଜିଲା ଆଇନସେବା ପ୍ରାଧୀକରଣ ତରଫରୁ ସେପ୍ଟେମ୍ବର ୧୩ରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ସୁନ୍ଦରଗଡ ସମେତ ରାଉରକେଲା, ବଣାଇ, ରାଜଗାଙ୍ଗପୁର, ହେମଗିରି ଓ ବୀରମିତ୍ରପୁର କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏଥିରେ ମୋକର୍ଦ୍ଦମା ସ୍ତରୀୟ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ ବାଉନ୍ସ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟର ଯାନ ଦୁର୍ଘଟଣା ଜନିତ, ଶ୍ରମ ବିବାଦ ଜନିତ ମାମଲା, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତବିବାଦ(ସାଲିସ ବିହୀନ ବିବାଦକୁ ବାଦ ଦେଇ),ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ) ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ସହିତ ମାମଲା, ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ଗୁଡିକର ଫଇସଲା ହେବ। ସକାଳ୧୦ଟାରୁ ଏହି ଲୋକ ଅଦାଲତ ଅନୁଷ୍ଠିତହେବ। ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧୀକରଣ ଅଧ୍ୟକ୍ଷା ଶିଖାରାଣୀ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତର ଉପଲବ୍ଧି ସହିତ ଲାଭ ଉଠାଇବାକୁ ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ଡକ୍ଟର ରୀନତୀ ମିଶ୍ର ସୂଚନା ଦେଇଛନ୍ତି।


**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/06**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | Corrigendum to Tender Enquiry No. TPCODL/ P&S/ FY 25-26/1000004392 & TPCODL/ P&S/ FY 25-26/ 1000004394 published on Newspaper (Pratidin, Dharitri & Statesman) Dt.10.07.2025 "Tender document against above tender enquiry will be available on TPCODL website from Dt.02.09.2025" | (I) Open Tender for 02 Years Rate Contract for supply of 630 Amp, Feeder Pillar box. (TPCODL/ P&S/ FY 25-26/ 1000004392)<br>(II) Open Tender for 02 Years Rate Contract for supply of 630 KVA, 11/0.4 KV Compact Substation. (TPCODL/ P&S/ FY 25-26/1000004394) |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

# କଠିନ ପରିଶ୍ରମ, ଦୃଢ଼ ଅଧ୍ୟବସାୟ ରଖ

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୩୧।୮ (ବି.ଶଙ୍କର)**

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ସକାଳ ୯ଟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସାମୂହିକ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ମହାପୁରୁଷଙ୍କ ଜୀବନୀ ପ୍ରସଙ୍ଗରେ ଶିକ୍ଷାଦାନ ଦିଆଯାଇଥିଲା। ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ପଣ୍ଡା ମିସାଇଲ ମେନ ତଥା ପ୍ରାକ୍ତନ ରାଷ୍ଟ୍ରପତି ବୈଜ୍ଞାନିକ ଡ.ଏପିଜେ ଅବଦୁଲ କାଲାମଙ୍କ ସରଳ ନିରାଡ଼ମ୍ବର ଜୀବନ ଶୈଳୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ । କାଲାମଙ୍କ ଜୀବନୀରୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଦୃଢ଼ ଅଧ୍ୟବସାୟ ଓ କଠିନ ପରିଶ୍ରମ ହିଁ ଛାତ୍ରୀଛାତ୍ରଙ୍କୁ କିପରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଉପରକୁ ଉଠିବାରେ ସହାୟକ ହେବ ବୁଝେଇ ଥିଲେ । ଏଥିସହ ବଡ଼ଲୋକ ହେବା ପାଇଁ ସମସ୍ତେ ସପ୍ନ ଦେଖିବାକୁ ପଣ୍ଡା ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କୌଶଳ ଶିକ୍ଷା ପ୍ରସଙ୍ଗରେ ସମ୍ବଲପୁର ଡାଏଟ ଶିକ୍ଷାନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ସମ୍ପର୍କ ସ୍ଥାପନ ଶୈଳୀ ଉପରେ ଆଲୋଚନା କରିଥିଲେ । ବିଭିନ୍ନ ପରିସ୍ଥିତିର ମୁକାବିଲା ପାଇଁ ସମ୍ପର୍କ ସ୍ଥାପନ କୌଶଳ ସମସ୍ତେ ଜାଣିବା ଉଚିତ ବୋଲି କହିଥିଲେ । ଭୁବନେଶ୍ୱର କୁମୁରା ବୈଷୟିକ ସହାୟତା ଦେଇଥିଲେ। ଆଲୋଚନାରେ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ଅଦିତି, ସିଦ୍ଧାର୍ଥ, ଅବିନାଶ, ଆଶୁତୋଷ, ଗୌରବ, ବିଦୁଷୀ, ଜିତେନ୍ଦ୍ର, ଫତିମା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସମ୍ପାଦକ ରଘୁନାଥ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ଗିରିଧାରୀ ହୋତା ଓ ଇଞ୍ଜିନିୟର ସୁଶାନ୍ତ ଗୁରୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୮ ଟି ହାଇସ୍କୁଲରୁ ୪୩ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



ଆୟୋଜିତ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଅତିଥି ଓ ଛାତ୍ରୀଛାତ୍ରମାନେ ।

## ସଂକ୍ଷେପରେ

### ମନ୍ କି ବାତ୍ କାର୍ଯ୍ୟକ୍ରମରେ ସାମିଲ ହେଲେ ମନ୍ତ୍ରୀ

**କୁଚିଣ୍ଡା, ୩୧।୮ (ବିରଞ୍ଚି ଦର୍ଭା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରିଗୋଡା ପଞ୍ଚାୟତରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସାମିଲ ହୋଇଥିଲେ। ପଞ୍ଚାୟତ ତରଫରୁ ସ୍ଥାନୀୟ ହାଇସ୍କୁଲ ପରିସରରେ ବିଡ଼ିଓ ଜୟନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ନାଏକ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଡବଲ ଇଞ୍ଜିନ ସରକାରଙ୍କ ବିକଶିତ ପଞ୍ଚାୟତ ଗଠନରେ ଜନସାଧାରଣଙ୍କ ସହଭାଗିତା ନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ କି ବାତ୍‌ର ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଲୋକଙ୍କ ସହ ସାମିଲ ହୋଇଥିଲେ। ପରେ ହାଇସ୍କୁଲ ପରିସରରେ ମନ୍ତ୍ରୀ ନାଏକ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଡ଼ିଓ ସାହୁଙ୍କ ସମେତ ବ୍ଲକର ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ଚଇତ୍ରା ମଣ୍ଡଳ ସଭାପତି ରାଜକୁମାର ରକ୍ସା, ପୂର୍ବତନ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଖର୍ସେଲ, ଶିକ୍ଷକ ତାରାଚାନ୍ଦ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ଭୋଇ, ବାଉରୀଗୋଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଦାନନ ସାହୁ ଉପସ୍ଥିତ ଥିଲେ।

### ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

**ସମ୍ବଲପୁର,୩୧।୮ (ବି.ଶଙ୍କର)**

ଗଣ୍ଡା ସମାଜ କଲ୍ୟାଣ ପରିଷଦର ୨୬ ତମ ପଞ୍ଜିକୃତ ଦିବସ ଓ ଶ୍ରୁତି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ରବିବାର ଜିଲା ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ନିହାଲ ସିଂଙ୍କ ଅଧ୍ୟକ୍ଷତା ଉତ୍ସବ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଉପଦେଷ୍ଟା ମିନକେତନ ବାଦୀ ମୁଖ୍ୟ ଅତିଥି, କବି ଗଦାଧର ନିଆଲ ସମ୍ମାନିତ ଅତିଥି, ସଙ୍ଗଠକ ଭବାନୀ ଶଙ୍କର ସୋହେଲା, ରୁପାଞ୍ଜଳି ରନବିଡା ସମ୍ମାନୀତ ବକ୍ତାଭାବେ ଯୋଗ ଦେଇଥିଲେ। କବି କ୍ଷେତ୍ରମଣୀ ବିଭାର ମୁଖ୍ୟବକ୍ତା, ବାସୁଦେବ ଲୁହା ନିମନ୍ତ୍ରିତ ଅତିଥି ଥିଲେ । ଗଣ୍ଡା ସମାଜର ସଭ୍ୟମାନେ ଅଧିକ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପଡିବ । ନଚେତ ଆମ ସମାଜ ଚିରକଳା ଶୋଷିତ ଏବଂ ଅତ୍ୟାଚାରିତ ଭାବେ ରହିଥିବ । ଏଥିସହ ସମସ୍ତେ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇ ପଡିଛି । ବ୍ୟକ୍ତି ଶିକ୍ଷିତ ହେଲେ ସମାଜ ଅଧିକ ଶିକ୍ଷିତ ହେବ । ଯାହାକି ନିଜର ମୌଳିକ ଅଧିକାର ବିଷୟରେ ଜ୍ଞାନ ପାଇ ପାରିବେ ବୋଲି ଅତିଥି ଏବଂ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦର ୧୨ ଜଣଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପସଭାପତି ପୁରନ୍ଦର ସୁନା, ସହ ସମ୍ପାଦିକା ଯମୁନା ସିକା, ଅଞ୍ଜଳି ପ୍ରଭା ସୁନା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଅମିନ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଦ୍ମଶ୍ରୀ ବିନୋଦ, ବିପିନଙ୍କ ସ୍ମୃତିରେ ଚାରାରୋପଣ

**ସମ୍ବଲପୁର,୩୧।୮ (ଭବାନୀ ଶଙ୍କର ଭୋଇ)**

ବିଶିଷ୍ଟ ସମ୍ବଲପୁରୀ କବି ପଦ୍ମଶ୍ରୀ ବିନୋଦ ପଶାୟତ ଏବଂ ସାହିତ୍ୟକ ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରବିବାର ଚାରାରୋପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ମଞ୍ଚର ବରିଷ୍ଠ ସଦସ୍ୟ ସନ୍ତୋଷ ବଡାଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଉଭୟ ସାରସ୍ୱତ ସାଧକଙ୍କ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମଞ୍ଚର ମହିଳା ସଂଯୋଜିକା ପଙ୍କଜିନୀ ମେହେର ଉଭୟଙ୍କ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତି ଅବଦାନ ବିଷୟରେ କହିଥିଲେ। ଡେରାରେ ଉଭୟ ସୁପୁତ୍ରଙ୍କ ନାମରେ ଦୁଇଟି ଚାରା ସମର୍ପଣ କରାଯାଇଥିଲା। ଯୋଗୁ ଗୁରୁ ଟିକେଲାଲ ଭୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଆଗାମୀ ଦିନରେ ଡେରା ପରିସରରେ ସମ୍ବଲପୁରୀ ସାଧକଙ୍କ ସ୍ମୃତିକୁ ସାଇତି ରଖିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ଏସ୍‌ଏମ୍‌ସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବରେ ଅତିଥି ଚାରା ପ୍ରଦାନ କରୁଛନ୍ତି।

**ସମ୍ବଲପୁର, ୩୧।୮ (ପ୍ରମୋଦ ବହିଦାର)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସର ବାର୍ତ୍ତା ଦେଇଥିଲେ। ଏସ୍‌ଏମ୍‌ସି ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆୟୁକ୍ତ ସରୋଜିନୀ ପ୍ରସନ୍ନ କୁଲୁ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ହିଣ୍ଡାଲକୋର ସିଏସ୍‌ଆର୍ ମୁଖ୍ୟ ଜିତେଶ ରଥ, ଆନନ୍ଦ ଚକ୍ରବର୍ତ୍ତୀ, ଏସ୍‌ଏମ୍‌ସି ବ୍ରାଣ୍ଡ ଆମ୍ବାସଡର ତୁଳାରାମ କଲେତ, ଉପାୟୁକ୍ତ ଶଙ୍କର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଆୟୁକ୍ତ କୁଲୁ ଦିବସ ପାଳନ ଅବସରରେ ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏସ୍‌ଏମ୍‌ସି ଆୟୁକ୍ତ ରୋହନ ଖତ୍ରିଙ୍କ ପ୍ରେରିତ କୃତଜ୍ଞତା ବାର୍ତ୍ତା ପଠନ କରିଥିଲେ। ଏଥିରେ ସମ୍ବଲପୁର ସହରକୁ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ବ୍ରାଣ୍ଡ ଆମ୍ବାସଡର କଲେତ କହିଥିଲେ। ଏହି ଅବସରରେ ଅତିଥିମାନେ ସମସ୍ତଙ୍କୁ ଚାରା ବଣ୍ଟନ କରିଥିଲେ।

# 'ପ୍ରମୋଦ ଥିଲେ କାଳଜୟୀ ନାଟକର ସ୍ରଷ୍ଟା'



ପ୍ରମୋଦ ସ୍ମୃତି ସମ୍ମାନରେ ସମ୍ମାନିତ କଳାକାର ।

**ସମ୍ବଲପୁର,୩୧।୮ (ପ୍ରମୋଦ ବହିଦାର)**

ନାଟ୍ୟକାର ପ୍ରମୋଦ ତ୍ରିପାଠୀ ଥିଲେ ଅନେକ କାଳଜୟୀ ନାଟକର ସ୍ରଷ୍ଟା। ତାଙ୍କ ନାଟକଗୁଡ଼ିକର ଉଚ୍ଚାଙ୍ଗ ସାହିତ୍ୟିକ ମୂଲ୍ୟବୋଧଯୁକ୍ତ ହୋଇଥିବାବେଳେ ସେଗୁଡ଼ିକର ମଞ୍ଚମୂଲ୍ୟ ଯଥେଷ୍ଟ ରହିଥିଲା। ସ୍ଥାନୀୟ ଜେଲଖାନା ଛକସ୍ଥିତ ସମ୍ବଲପୁର କଳାକେନ୍ଦ୍ରରେ ରବିବାର ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରମୋଦନାମା ସଭାରେ ଅତିଥିମାନେ ଏହିପରି ମତ ରଖିଛନ୍ତି। ପ୍ରଫେସର ସୁଧୀର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ହାସ୍ୟକବି ମନୋରଞ୍ଜନ ସାହୁ ଯୋଗଦେଇ ନାଟ୍ୟକାର ତ୍ରିପାଠୀଙ୍କ ସମ୍ବଲପୁରୀ ଭାଷାରେ ନାଟ୍ୟ ରଚନାର ସ୍ୱପ୍ନକୁ ଚରିତାର୍ଥ କରିବା ପୂର୍ବରୁ ଆରପାରିକୁ ଚାଲିଗଲେ ବୋଲି କହିଥିଲେ। ଏହି ଅବସରରେ ହାସ୍ୟକବି ତଥା ଅଭିନେତା ସୁଶୀଲ କୁମାର ମିଶ୍ର ଏବଂ ବିଶିଷ୍ଟ ନାଟ୍ୟଭିନେତା, ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧରଙ୍କୁ ଚଳିତବର୍ଷର ପ୍ରମୋଦ ସ୍ମୃତିସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ଆବାହକ ଡ. ଦ୍ୱାରିକାନାଥ ନାୟକ ସଂଯୋଜନା କରିଥିବା ବେଳେ ବୃନ୍ଦାବନ ମିଶ୍ର ମାନପତ୍ର ପାଠ କରିଥିଲେ। ସଞ୍ଜୀବ କୁମାର ପାଢୀ, ପ୍ରଶାନ୍ତ ମାଝୀ, କମଳ ଲୋଚନ ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସଭାରେ ସମ୍ବଲପୁର ତଥା ବରଗଡ଼ର ବହୁ ନାଟ୍ୟକାର, ମଞ୍ଚ ଅଭିନେତା ତଥା ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ୬ ମାମଲାରେ ୮ ଦୋଷୀଙ୍କୁ ମିଳିଛି ଦଣ୍ଡ

**ସମ୍ବଲପୁର,୩୧।୮ (ପ୍ରମୋଦ ବହିଦାର)**

ଶିଶୁ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନରେ ସମ୍ବଲପୁର ପୋଲିସ ସଫଳତା ସାଉଁଟିଛି। ସମ୍ବଲପୁର ଜିଲା ପୋଲିସ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିଥିବା ଶିଶୁ ଓ ମହିଳା ହିଂସା ମାମଲା ମଧ୍ୟରୁ ବିଗତ ୧ ମାସ ମଧ୍ୟରେ ୬ଟି ମାମଲାରେ ଅଭିଯୁକ୍ତମାନେ ଦଣ୍ଡିତ ହୋଇଛନ୍ତି। ଏହାଦ୍ୱାରା ଉକ୍ତ ମାମଲା ଗୁଡ଼ିକରେ ଜିଲାରେ ଯୌନ ବ୍ୟଭିଚାରର ଶିକାର ଶିଶୁ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଜିଲା ପୋଲିସର ଗୁଣାତ୍ମକ ତଦନ୍ତ ପ୍ରକ୍ରିୟା ପ୍ରତିଫଳିତ ହୋଇଛି ବୋଲି ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ଆଗକୁ କେବଳ ନାରୀ ଓ ଶିଶୁ ହିଂସା ବିରୋଧ ବ୍ୟତୀତ ଅନ ମାମଲାରେ ମଧ୍ୟ ଜିଲା ପୋଲିସର ଏଭଳି ତତ୍ପରତା ଓ ପ୍ରତିବଦ୍ଧତା ଜାରି ରହିବ ବୋଲି ସେ କହିଛନ୍ତି। ବିଗତ ଏକ ମାସ ମଧ୍ୟରେ ସମ୍ବଲପୁର ଜିଲାରେ ହୋଇଥିବା ଶିଶୁ ଓ ନାବାଳିକା ବଳାତ୍କାର, ବଳାତ୍କାର ଉଦ୍ୟମ ଓ ନିର୍ଯାତନା ଭଳି ୬ଟି ସମ୍ବେଦନଶୀଳ ମାମଲା ବିଚାର କରି ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତିଙ୍କ ଦ୍ୱାରା ମୋଟ୍ ୮ ଜଣ ଅଭିଯୁକ୍ତ ବିଭିନ୍ନ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି।

## କୁନି କଳାକାରଙ୍କ ନୃତ୍ୟରେ ବିଭୋର ଦର୍ଶକ

**ସମ୍ବଲପୁର,୩୧।୮ (ବି.ଶଙ୍କର)**

କାହ୍ନା ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ସମ୍ବଲପୁର କଲ୍ୟାଣ ନଗରରେ ପାଳିତ ହୋଇଯାଇଛି। ତ୍ରିଲୋଚନ ରାୟଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ କରିଥିଲେ। ଦିବଂଗତ କବି ବିପିନ ବିହାରୀ ଆଚାର୍ଯ୍ୟ ଓ ଲିଙ୍ଗରାଜ ଦାଶଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟବକ୍ତା ପ୍ରଫେସର ଡ. ପଙ୍କଜ କୁମାର ପଟେଲ ନୂଆଁଖାଇର ପରମ୍ପରା ବିଷୟରେ କହିଥିଲେ। ସ୍ୱଚ୍ଛ ବାହନ ସାଥୀ ପ୍ରଦ୍ୟୁମ୍ନ ନାଏକ ଓ ପୂଜାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସୀମା ଚଇନି, କଳ୍ପନା ସାହୁ, ସୁନ୍ଦରମଣୀ ଦୀପ, ସଞ୍ଜୁ ତ୍ରିପାଠୀ, ଦୀନବନ୍ଧୁ ପଣ୍ଡା, ଲିପିକା ପଣ୍ଡା ଗୀତ ଗାଇଥିଲେ। କବି ବିଦ୍ୟୁତ୍‌ଲତା ସାହୁ ଓ ଅଳକା ମହାପାତ୍ର ନୂଆଁଖାଇ କବିତା ପାଠ କରିଥିଲେ । ଫେସ ଟୁ ଫେସ ଷ୍ଟୁଡିଓର କୁନି କଳାକାର ସ୍ନେହା ସ୍ୱାଇଁ, ହୁର୍ବଶିନୀ କିଲେଇ, ନେହା କାରୁଆ, ଏଇସାନି ନାଏକ୍ ଓ ସିଦ୍ଧି ସମ୍ପୂର୍ଣ୍ଣା ନାୟକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସୁଶୀଲ କୁମାର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଭୂତି ଭୂଷଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସରେ ସାଇକେଲ ରାଲି




ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା ।

**ସମ୍ବଲପୁର,୩୧।୮ (ବି.ଶଙ୍କର)**

ଜାତୀୟ କ୍ରୀଡା ଦିବସ ସକାଶେ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସାଇକେଲ ରାଲି ରବିବାର ସକାଳ ୬ଟା୩୦ରେ ଆୟୋଜିତ ହୋଇଛି । ସମ୍ବଲପୁର ସହର ସ୍ଥିତ କଚେରୀ ଛକଠାରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଲକ୍ଷ୍ମୀ ଟକିଜ ଛକ, ମୋଦିପଡ଼ା ଛକ, ବଡ଼ବଜାର ହୋଇ ମା' ସମଲେଶ୍ୱରୀ ମନ୍ଦିର ପାର୍କିଂ ପରସରରେ ସମାପ୍ତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲା କ୍ରୀଡ଼ା ଅଧିକାରୀ ଅମୃତ ଲାଲ ବେହେରା ଓ ଜିଲା ସୂଚନା ଓ ଜନସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାଇକେଲ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ । କ୍ରୀଡ଼ାର ବିକାଶ ଓ ଗୁରୁତ୍ୱ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ସହିତ ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଟିମୱର୍କ ଓ ସମାଜରେ ଶାନ୍ତି ପ୍ରଚାର କରିବ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ।

## ନୂଆଁଖାଇ ଲୋକ ସଂସ୍କୃତି ମହୋତ୍ସବ

**ସମ୍ବଲପୁର,୩୧।୮ (ପ୍ରମୋଦ ବହିଦାର)**

କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ନୂଆଁଖାଇ ଲୋକ ସଂସ୍କୃତି ମହୋତ୍ସବ ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବିଧାୟକ ଜୟନାରାୟଣ ମିଶ୍ର, ସମ୍ମାନୀତ ଅତିଥିଭାବେ ଜିଏମ୍‌ୟୁ କୁଳପତି ଡ. ସୁଶାନ୍ତ କୁମାର ଦାଶ ଯୋଗଦେଇ ନୂଆଁଖାଇ ଲୋକ ସଂସ୍କୃତି ଓ ସମଲେଇ ସାରସ୍ୱତ ସମ୍ମାନ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଡ. ବିଜୟାନନ୍ଦ ବେହେରା, ପ୍ରତାପ କୁମାର ରଥ, ପ୍ରଦୀପ କୁମାର ପଣ୍ଡା, ପରମେଶ୍ୱର ପଟେଲ ଯୋଗଦେଇଥିଲେ। କୈବଲ୍ୟ ଅନୁଷ୍ଠାନ ସମ୍ପାଦକ ଡ. ଅନୁପମା ବିଶ୍ୱାଳ ଏବଂ ମନୋଜ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ ବିଭିନ୍ନ ସାହିତ୍ୟ ସଂସଦର ସଭାପତି, ସମ୍ପାଦକ, ବିଶିଷ୍ଟ କବି ସାହିତ୍ୟିକ ତଥା ରାଜ୍ୟସ୍ତରୀୟ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷ ଭାଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ଥିଲା। ଅତିଥିମାନେ କୈବଲ୍ୟ ସାହିତ୍ୟ ସଂସଦର ପତ୍ରିକା ଓ ଅନ୍ୟ କେତେକ ପୁସ୍ତକ ଉନ୍ମୋଚନ କରିଥିଲେ। କବୟିତ୍ରୀ ଅନୁପମା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ବିଜ୍ଞପ୍ତି ନଂ.:** ସିଏଓ/ସି/ ବିଏସ୍‌ପି/୨୫-୨୬/୧, ତାରିଖ: ୧୯.୦୮.୨୦୨୫ (ଖୋଲା ଟେଣ୍ଡର) (ଦୁଇ ପ୍ୟାକେଟ୍ ପ୍ରଣାଳୀ) ।
**କାର୍ଯ୍ୟର ନାମ:** ଛତିଶଗଡ଼ ରାଜ୍ୟରେ ଇପିସି ପଦ୍ଧତିରେ "ଦୁର୍ଗ-ରାଜନନ୍ଦଗାଁଓ (୩୧.୦ କିମି) ଓ ସରୋନା-ଭିଲାଇ (୧୭.୩୦ କିମି) ସେକ୍ସନ ମଧ୍ୟରେ ୪ର୍ଥ ଲାଇନ୍ ନିର୍ମାଣ" ସଂକ୍ରାନ୍ତରେ ପ୍ରତ୍ୟେକ ଆପ୍ରୋଚ୍‌ରେ ୩୦୦ ମିଟର ପର୍ଯ୍ୟନ୍ତ ଫର୍ମେଶନ୍ ସମେତ ୦୧ ଗୋଟି ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ ୦୪ ଗୋଟି ବଡ଼ ସେତୁର ନିର୍ମାଣ ।
**ଟେଣ୍ଡର ମୂଲ୍ୟ:** ₹୧,୨୬,୬୪,୮୨,୭୮୨.୯୪/- **ଇଏମ୍‌ଡି:** ₹୬୩,୩୨,୪୦୦.୦୦/-, **କାର୍ଯ୍ୟର ସମାପ୍ତି ଅବଧି:** ସ୍ୱୀକୃତି ପତ୍ର ତାରିଖରୁ ୭୨୦ (ସାତଶହ କୋଡ଼ିଏ) ଦିନ ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।
**ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୩୦ ଘଟିକାରେ ।
ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରଶାସନିକ ଅଧିକାରୀ, ସିଓଏନ୍/ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ରାୟପୁର- ପିନ୍: ୪୯୨୦୦୯, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ପଶ୍ଚିମ/ନିର୍ମାଣ/ଦ.ପୂ.ମ. ରେଳପଥ, ନାଗପୁର- ପିନ୍: ୪୪୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ଅଥବା ଆମର ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ
CPR/10/FL/276 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

# ସିଆରପିଏଫ୍ ଗ୍ରୁପ୍ ସେଣ୍ଟରରେ ଜାତୀୟ କ୍ରୀଡ଼ା ଦିବସ

**ସମ୍ବଲପୁର,୩୧।୮ (ବି.ଶଙ୍କର)**

ଜାତୀୟ କ୍ରୀଡା ଦିବସ-୨୫ ଉପଲକ୍ଷେ ବିବିଧ ପ୍ରତିଯୋଗୀତା ସମ୍ବଲପୁର ଜିଲା ଗୋଶାଳା ସ୍ଥିତ ସିଆରପିଏଫ ଗ୍ରୁପ ସେଣ୍ଟରଠାରେ ଆୟୋଜିତ ହୋଇଛି । ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଯୋଗିତା ପାଇଁ ୨୯ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଗୋଶାଳାସ୍ଥିତ ଗ୍ରୁପ ସେଣ୍ଟର ସମ୍ବଲପୁରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରମ୍ପରା ଅନୁଯାୟୀ ଇନ୍ସପେକ୍ଟର ଜେନରାଲ କ୍ୱାର୍ଟର ଗାର୍ଡଙ୍କ ଅଭିବାଦନ ଗ୍ରହଣ କରିଥିଲେ । ଏହା ପରେ ରେଞ୍ଜ ଅଫିସ ସମ୍ବଲପୁର ଏବଂ ଗ୍ରୁପ ସେଣ୍ଟର ପରିସରରେ ଦ୍ୱିବାର୍ଷିକ ଯାଞ୍ଚ କରାଯାଇଥିଲା ଏବଂ କ୍ରୀଡା ପ୍ରତିଯୋଗୀତା ହୋଇଥିଲା । ଏଥିସହ ହକିର ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜାତୀୟ କ୍ରୀଡା ଦିବସ ପାଳନ ପାଇଁ ଆୟୋଜିତ ତିନି ଦିନିଆ କାର୍ଯ୍ୟକ୍ରମରେ ଫିଟ୍ ଇଣ୍ଡିଆ ଗଣ ଶପଥ, ସାଇକେଲ ରାଲି ଏବଂ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା । ସୋନପୁର ଜିଲାର ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପ୍ରସିଦ୍ଧ ଟାଏକୋଣ୍ଡୋ ଖେଳାଳି ଏହସାସ ହୋତା କର୍ମଚାରୀଙ୍କୁ କ୍ରୀଡା, ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଆନ୍ତଃ ବାଟାଲିୟନ ଭଲିବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ୪-ବାଟାଲିୟନ ଏବଂ ୨୧୬-ବାଟାଲିୟନ ମଧ୍ୟରେ ଖେଳାଯାଇଥିଲା। ମୁଖ୍ୟ ଅତିଥି ଇନ୍ସପେକ୍ଟର ଜେନେରାଲ ଅମିତେନ୍ଦ୍ର ନାଥ ସିହ୍ନା (ଆଇପିଏସ) ୪-ବାଟାଲିୟନ ଦଳକୁ ପୁରସ୍କୃତ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ୪-ବାଟାଲିୟନ ଦଳ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ବାମଣ୍ଡା ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ନାକଟିଦେଉଳ, ୩୧।୮ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ନେତାଜୀ କ୍ରୀଡା ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ମିନି ଷ୍ଟାଡିୟମରେ ଏକ ଦ୍ୱିଦିବସୀୟ ଏନ୍‌ୟୁଏସସି କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଫୁଟବଲ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଡଙ୍ଗଚା ଏବଂ ବାମଣ୍ଡା ଫୁଟବଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ ୬-୫ ଗୋଲରେ ବାମଣ୍ଡା ଦଳ ଚାମ୍ପିୟନ ହୋଇଥିଲା। ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ନେତାଜୀ କ୍ରୀଡା ଓ ସାଂସ୍କୃତିକ ସଂସଦ ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଜିଲା ବିଜେଡି ସଭାପତି ରୋହିତ ପୂଜାରୀ ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ଜିଲା ପରିଷଦ ସଭ୍ୟା ଟିକେଶରୀ ମେହେର, ବ୍ଲକ ଯୁବ ବିଜେଡି ସଭାପତି ଧିରେନ ସାହୁ, ସଂସଦ ସମ୍ପାଦକ ଜିତେନ୍ଦ୍ରିୟ ସାହୁ ଏବଂ ଜୟଦେବ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ବାମଣ୍ଡା ଏବଂ ଉପବିଜେତା ଡଙ୍ଗଚା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ମହେନ୍ଦ୍ର କୁମାର ମାଝୀ ପରିଚାଳନା କରିଥିଲେ।

**TPCODL**
**TP CENTRAL ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/06**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | **Corrigendum to Tender Enquiry No. TPCODL/ P&S/ FY 25-26/1000004392 & TPCODL/ P&S/ FY 25-26/ 1000004394 published on Newspaper** (Pratidin, Dharitri & Statesman) **Dt.10.07.2025** "Tender document against above tender enquiry will be available on TPCODL website from **Dt.02.09.2025**" | (I) Open Tender for 02 Years Rate Contract for supply of 630 Amp, Feeder Pillar box. (TPCODL/ P&S/ FY 25-26/ 1000004392)<br>(II) Open Tender for 02 Years Rate Contract for supply of 630 KVA, 11/0.4 KV Compact Substation. (TPCODL/ P&S/ FY 25-26/1000004394) |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

ଦିଲ୍ଲୀରେ ଆଜି



ଦିଲ୍ଲୀର ଲାଲକିଲ୍ଲା ମଇଦାନରେ ଦଶହରାରେ ହେବାକୁ ଥିବା ରାମଲୀଳା ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗ ଦେଇଛନ୍ତି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ-ଚମନ ଗୌତମ)

# ସର୍ବସାଧାରଣ ସ୍ଥାନରେ ଯାନ ବ୍ୟବହାର ହେଉ ନ ଥିଲେ ଟିକସ ଆଦାୟ ବନ୍ଦ ହେଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୮(ପି.ଟି.)

ଯାନ ଯଦି ବ୍ୟବହୃତ ହେଉ ନ ଥାଏ କିମ୍ବା ସର୍ବସାଧାରଣ ସ୍ଥାନରେ ବ୍ୟବହାର ପାଇଁ ରଖାଯାଇ ନ ଥାଏ, ତେବେ ଏହାର ମାଲିକଙ୍କ ଉପରେ ସମ୍ପୃକ୍ତ ସମୟ ପାଇଁ ମୋଟରଯାନ ଟିକସ ବୋଝ ପକାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ୨୦୨୪ ଡିସେମ୍ବରର ଏକ ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ଜଷ୍ଟିସ୍ ମନୋଜ ମିଶ୍ରା ଏବଂ ଉଜ୍ଜଲ ଭୂୟାଁଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ମୋଟରଯାନ ଟିକସ ପ୍ରତିପୂରକ ପ୍ରକୃତିର। ଶେଷ ବ୍ୟବହାର ସହ ଏହାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଯଦି ଜଣେ ବ୍ୟକ୍ତି ରାସ୍ତା, ରାଜପଥ ଆଦି ସର୍ବସାଧାରଣ ସ୍ଥାନ ବ୍ୟବହାର କରୁଥିବେ, ତେବେ ତାଙ୍କ ଉପରେ ମୋଟରଯାନ ଟିକସ ଧାର୍ଯ୍ୟ କରାଯିବ ଓ ସେ ଏଭଳି ବ୍ୟବହାର ପାଇଁ ଟିକସ ପୈଠ କରିବେ। ଆନ୍ଧ୍ରପ୍ରଦେଶ ମୋଟରଯାନ ଟିକସ ଆଦାୟ ଆଇନ, ୧୯୬୩ର ଧାରା ୩ରେ ଥିବା ବ୍ୟବସ୍ଥାରେ ବ୍ୟବସ୍ଥାପିକା 'ସର୍ବସାଧାରଣ ସ୍ଥାନ' ଶବ୍ଦକୁ ସଚେତନତାର ସହ ବ୍ୟବହାର କରାଯାଇଛି। ସର୍ବସାଧାରଣ ସ୍ଥାନରେ ଯଦି ମୋଟରଯାନ ବ୍ୟବହାର ହେଉନାହିଁ କିମ୍ବା ରଖାଯାଇ ନାହିଁ, ତେବେ ସମ୍ପୃକ୍ତ ବ୍ୟକ୍ତି ସର୍ବସାଧାରଣ ଭିତ୍ତିଭୂମିର ଲାଭ ପାଉ ନାହାନ୍ତି। ତେଣୁ ତାଙ୍କ ଉପରେ ଉକ୍ତ ସମୟ ପାଇଁ ଟିକସ ବୋଝ ପକାଯିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ସେପ୍ଟେମ୍ବରରେ ବନ୍ୟା, ଭୂସ୍ଖଳନ ନେଇ ଆଇଏମ୍‌ଡିର ସତର୍କତା

ନୂଆଦିଲ୍ଲୀ, ୩୧।୮(ପି.ଟି.)

ଅଗଷ୍ଟ ମାସରେ ଦେଶର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଅନେକ ବିପର୍ଯ୍ୟୟ ଘଟିଥିବା ବେଳେ ସେପ୍ଟେମ୍ବର ମାସରେ ମଧ୍ୟ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ବନ୍ୟା, ଭୂସ୍ଖଳନ ପରି ପ୍ରାକୃତିକ ବିପର୍ଯ୍ୟୟ ଘଟିପାରେ ବୋଲି ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସତର୍କତା ଜାରି କରିଛି। ସେହିପରି ସେପ୍ଟେମ୍ବରରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହେବ ବୋଲି ଆଇଏମ୍‌ଡି ସୂଚନା ଦେଇଛି। ସେପ୍ଟେମ୍ବର ମାସର ହାରାହାରି ବର୍ଷା ସ୍ୱାଭାବିକ ବର୍ଷା ୧୬୭.୯ ମି.ମି. ତୁଳନାରେ ୧୦୯%ରୁ ଅଧିକ ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ଆକଳନ ଅନୁଯାୟୀ, ସେପ୍ଟେମ୍ବରରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହେବ। ତେବେ ଉତ୍ତର-ପୂର୍ବ, ପୂର୍ବ ଭାରତର କିଛି ଅଞ୍ଚଳ, ଦକ୍ଷିଣ ଉପଦ୍ୱୀପ ଭାରତର ଅନେକ ଅଞ୍ଚଳ ଏବଂ ଉତ୍ତର-ପଶ୍ଚିମ ଭାରତର କିଛି ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହେବ।

## ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ

ସେପ୍ଟେମ୍ବରରେ ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡରେ ଭୂସ୍ଖଳନ ଓ ବନ୍ୟା ସ୍ଥିତି ସୃଷ୍ଟି ହେବା ସହ ଦକ୍ଷିଣ ହରିୟାଣା, ଦିଲ୍ଲୀ ଏବଂ ଉତ୍ତର ରାଜସ୍ଥାନରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇପାରେ ବୋଲି ରବିବାର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀ କରି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସତର୍କତା ଜାରି କରିଛନ୍ତି। ଅନେକ ନଦୀର ଉତ୍ପତ୍ତି ଉତ୍ତରାଖଣ୍ଡରୁ ହୋଇଛି। ତେଣୁ ପ୍ରବଳ ବର୍ଷାରେ ନଦୀଗୁଡ଼ିକ ଫୁଲିବା ସହ ତଳି ଅଞ୍ଚଳରେ ଥିବା ସହରଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ। ଛତିଶଗଡ଼ରେ ମହାନଦୀ ଉପର ମୁଣ୍ଡରେ ଥିବା ଅଞ୍ଚଳଗୁଡ଼ିକରେ ମଧ୍ୟ ପ୍ରବଳ ବର୍ଷା ହେବା ସମ୍ଭାବନା ଥିବା ସେ କହିଛନ୍ତି।

# ସୀମାରେ ଶାନ୍ତି ବୀମା ନୀତି ସଦୃଶ

## ମତଭେଦକୁ ବିବାଦରେ ପରିଣତ ହେବାକୁ ଦିଆ ନ ଯାଉ

ତିଆଞ୍ଜିନ୍,୩୧।୮

ଭାରତ ଓ ଚାଇନା ସୀମାରେ ଶାନ୍ତି ତଥା ସ୍ଥିରତା ବଜାୟ ରଖିବା ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଏକ ବୀମା ନୀତି ସଦୃଶ ବୋଲି ରବିବାର ନୂଆଦିଲ୍ଲୀ ପକ୍ଷରୁ ବେଜିଂକୁ କୁହାଯାଇଛି। ତିଆଞ୍ଜିନ୍‌ରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ଆଲୋଚନାବେଳେ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ବିକ୍ରମ ମିସ୍ରି ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

ପୂର୍ବ ଲଦାଖରେ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷର ପ୍ରାୟ ୪ ବର୍ଷ ପରେ ୨୦୨୪ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ରୁଷିଆରେ ପରସ୍ପରକୁ ଭେଟିଥିଲେ। ଏହା ପରେ ରବିବାର ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ସୀମା ବିବାଦ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସୀମାପାର ଆତଙ୍କବାଦକୁ ନେଇ ରହିଥିବା ଆହ୍ୱାନ ପ୍ରସଙ୍ଗ ଉଠାଇବା ସହ ଭାରତ ଓ ଚାଇନା ଏହାର ମୁକାବିଲା ପାଇଁ ପରସ୍ପରକୁ ସହଯୋଗ କରିବା ଉଚିତ ବୋଲି ମତ ଦେଇଛନ୍ତି। ମୋଦି କହିଛନ୍ତି, ସୀମାପାର ଆତଙ୍କବାଦ ପରିପ୍ରେକ୍ଷୀରେ ବର୍ତ୍ତମାନର ଏସ୍‌ସିଓ ସମିଟ୍ ପରିପ୍ରେକ୍ଷୀରେ ଆମେ ଚାଇନାଠାରୁ ସହଯୋଗ ପାଇଛୁ। ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଉଭୟ ପକ୍ଷଙ୍କ ସିଦ୍ଧାନ୍ତ ଭବିଷ୍ୟତରେ ସହାୟକ ହେବ। ଏହି ସମ୍ପର୍କ ଭାରତ ଓ ଚାଇନାର ୨.୮ ବିଲିୟନ୍ ଲୋକଙ୍କୁ ସୁବିଧା ଦେବ। ଏହି ଅବସରରେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ସମ୍ପର୍କ ବୃଦ୍ଧି ପାଇଁ ୪ଟି ପ୍ରସ୍ତାବ ଦେଇଛନ୍ତି। ସେଗୁଡ଼ିକ ହେଲା ରଣନୈତିକ ଯୋଗାଯୋଗକୁ ସୁଦୃଢ଼ କରି ପାରସ୍ପରିକ ଆସ୍ଥାକୁ ମଜଭୁତ କରିବା, ପାରସ୍ପରିକ ଲାଭ ହାସଲ ପାଇଁ ବିନିମୟ ଓ ସହଯୋଗକୁ ବିସ୍ତାର କରିବା, ପରସ୍ପରର ଅସୁବିଧା ଦୂରକରିବା ଏବଂ ସମାନ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପାରସ୍ପରିକ ସହଯୋଗକୁ ଆଗକୁ ବଢ଼ାଇବା। ଏହି ସମସ୍ତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ମୋଦି ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସୀମାରେ ଶାନ୍ତି ଓ ସ୍ଥିରତା ଆଣିବା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଭାରତ ଓ ଚାଇନା ମଧ୍ୟରେ କୌଣସି ମତଭେଦକୁ ବିବାଦରେ ପରିଣତ ହେବାକୁ ଦିଆଯିବା ଅନୁଚିତ ବୋଲି ଦୁଇନେତା ସହମତି ପ୍ରକାଶ କରିଥିବା ମିସ୍ରି କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

# ସିବିଆଇ ତଦନ୍ତ କରିଥିବା ୭ ହଜାର ଦୁର୍ନୀତି ମାମଲା କୋର୍ଟରେ ବିଚାରାଧୀନ

ନୂଆଦିଲ୍ଲୀ, ୩୧।୮(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଦ୍ୱାରା ତଦନ୍ତ କରାଯାଇଥିବା ୭,୦୭୨ ଦୁର୍ନୀତି ମାମଲା ଏବେ ବିଭିନ୍ନ କୋର୍ଟରେ ବିଚାରାଧୀନ ରହିଛି। ସେଥିମଧ୍ୟରୁ ୩୭୯ଟି ମାମଲା ୨୦ ବର୍ଷରୁ ଅଧିକ ଦିନଧରି ବିଚାରାଧୀନ ଥିବା ନେଇ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି)ର ସଦ୍ୟତମ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ୧୫୦୬ଟି ଦୁର୍ନୀତି ମାମଲା ୩ ବର୍ଷରୁ କମ୍ ସମୟ ଧରି ବିଭିନ୍ନ କୋର୍ଟରେ ବିଚାରାଧୀନ ଥିବା ବେଳେ ୭୯୧ ମାମଲା ୩ ବର୍ଷରୁ ଅଧିକ ଏବଂ ୫ ବର୍ଷରୁ କମ୍, ୨୧୧୫ ମାମଲା ୫ ବର୍ଷରୁ ଅଧିକ ଏବଂ ୧୦ ବର୍ଷରୁ କମ୍, ୨୨୮୧ ମାମଲା ୧୦ବର୍ଷରୁ ଅଧିକ ଏବଂ ୨୦ବର୍ଷରୁ କମ୍ ସମୟ ଧରି କୋର୍ଟରେ ବିଚାରାଧୀନ ଥିବା ନେଇ ରିପୋର୍ଟରେ କୁହାଯାଇଛି।

# ଭାରତ ଆସିବେନି ଟ୍ରମ୍ପ

ନ୍ୟୁୟର୍କ, ୩୧।୮

ବର୍ଷ ଶେଷ ଭାଗରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମିଟ୍‌ରେ ଯୋଗଦେବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆଦିଲ୍ଲୀ ଗସ୍ତରେ ଆସିବାର ଯୋଜନା ନାହିଁ। ଦି ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏଭଳି ଖବର ପ୍ରକାଶ ପାଇଛି। ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ କ୍ୱାଡ୍ ଗଠିତ। ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ରୁଷିଆରୁ ତେଲ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପଙ୍କ ଅତ୍ୟଧିକ ଟାରିଫ୍‌କୁ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଛି।

# ୩୮ ବର୍ଷୀୟା ଅଭିନେତ୍ରୀ ପ୍ରିୟା ମରାଠେଙ୍କ ପରଲୋକ



ମୁମ୍ବାଇ, ୩୧।୮ (ପି.ଟି.)

ଟିଭି ଅଭିନେତ୍ରୀ ପ୍ରିୟା ମରାଠେ(୩୮)ଙ୍କର ରବିବାର ପରଲୋକ ହୋଇଯାଇଛି। ମୁମ୍ବାଇର ମୀରା ରୋଡ୍‌ସ୍ଥିତ ନିଜ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ୨ ବର୍ଷ ଧରି ସେ କର୍କଟ ରୋଗ ସହ ଲଢ଼େଇ କରୁଥିଲେ। ବିଭିନ୍ନ ହିନ୍ଦୀ ଏବଂ ମରାଠୀ ଧାରାବାହିକରେ ପ୍ରିୟା ଅଭିନୟ କରିଥିଲେ। 'ପବିତ୍ର ରିସ୍ତା', 'କଶମ ସେ' ପରି ଧାରାବାହିକ ତାଙ୍କୁ ଲୋକପ୍ରିୟ କରାଇଥିଲା।

# ଇସ୍ରାଏଲ୍ ଆକ୍ରମଣରେ ହମାସ୍ ମୁଖପାତ୍ର ନିହତ

ଡେଇର୍ ଅଲ୍-ବଲାହ,୩୧।୮



ଅବୁ ଅବେଇଦା

ଇସ୍ରାଏଲୀ ସେନା ଆକ୍ରମଣରେ ହମାସ୍ ସଶସ୍ତ୍ର ଶାଖାର ମୁଖପାତ୍ର ଅବୁ ଅବେଇଦା ନିହତ ହୋଇଛନ୍ତି। ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ ରବିବାର ଏହା ଘୋଷଣା କରିଛନ୍ତି। ଗାଜା ସିଟିରେ ଇସ୍ରାଏଲ୍ ଶୁକ୍ରବାର ନୂଆ ସାମରିକ ଆକ୍ରମଣ ଆରମ୍ଭ କରିବା ଦିନ ଓବେଇଦା ଶେଷ ମନ୍ତବ୍ୟ ଦେଇଥିଲେ। ଇସ୍ରାଏଲ୍‌ର ଦାବି ଉପରେ ହମାସ୍ କୌଣସି ମନ୍ତବ୍ୟ ଦେଇନାହିଁ। ହମାସ୍‌ର କସମ ବ୍ରିଗେଡ୍‌ରେ ଦୀର୍ଘଦିନ ଧରି ମୁଖପାତ୍ର ରହିଆସିଥିବା ଓବେଇଦାଙ୍କ ଉପରେ ଆକ୍ରମଣ ହୋଇଥିବା ପୂର୍ବରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୂଚନା ଦେଇଥିବାବେଳେ ସେ ମୃତ କି ଜୀବିତ ଜାଣି ନ ଥିବା କହିଥିଲେ। ଗାଜା ସିଟିରେ ଦୁଇଦିନ ଧରି ଚାଲିଥିବା ଆକ୍ରମଣରେ ଅନ୍ୟୁନ ୪୩ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଶିଫା ହସ୍ପିଟାଲକୁ ଶନିବାର ୨୯ଟି ମୃତଦେହ ଅଣାଯାଇଥିବାବେଳେ ରବିବାର ସକାଳେ ଆଉ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୋଟ ମୃତକଙ୍କ ମଧ୍ୟରେ ସହାୟତା ପାଇଁ ଯାଇ ପ୍ରାଣ ହରାଇଥିବା ୧୭ ଜଣ ରହିଛନ୍ତି।

# ମହୁଆ ମୋଇତ୍ରଙ୍କ ନାଁରେ ମାମଲା

ରାୟପୁର, ୩୧।୮

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀକୁ ନେଇ ରବିବାର ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ନାଁରେ ଛତିଶଗଡ଼ ରାୟପୁରରେ ମାମଲା ରୁଜୁ ହୋଇଛି। ଗୁରୁବାର ପଶ୍ଚିମବଙ୍ଗର ନଦିଆ ଜିଲାରେ ଏକ ସଭା କରୁଥିବା ବେଳେ ମହୁଆ କହିଥିଲେ, ଯଦି ଶାହା ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ବିଫଳ ହେଉଛନ୍ତି ତେବେ ତାଙ୍କ ମୁଣ୍ଡକାଟ ହେବା ଉଚିତ୍। ମହୁଆଙ୍କ ଏପରି ମନ୍ତବ୍ୟକୁ ବିରୋଧକରି ସୋମବାର ଅପରାହ୍ନ ୨ଟାରେ କୋଲ୍‌କାତାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତୀୟ ଆପ୍ରବାସନ ବୃଦ୍ଧି ବିରୋଧରେ ଅଷ୍ଟ୍ରେଲିଆରେ ବିକ୍ଷୋଭ

କାନ୍‌ବେରା,୩୧।୮(ପି.ଟି.)




ଅଷ୍ଟ୍ରେଲିଆରେ ଭାରତୀୟଙ୍କ ଆପ୍ରବାସନ ବଢ଼ୁଥିବାରୁ ଏହା ବିରୋଧରେ ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେବେ ଅଷ୍ଟ୍ରେଲିଆ ସରକାର ଏଭଳି ବିକ୍ଷୋଭ ଅଭିଯାନକୁ ନିନ୍ଦା କରିଛନ୍ତି। ବର୍ଣ୍ଣବୈଷମ୍ୟ ଓ ଜାତୀୟତାବାଦ ଉପରେ ଆଧାରିତ ଅତି ଦକ୍ଷିଣପନ୍ଥୀ କାର୍ଯ୍ୟକଳାପର ଦେଶରେ କୌଣସି ସ୍ଥାନ ନାହିଁ ବୋଲି ସରକାର କହିଛନ୍ତି। ଆପ୍ରବାସନ ବିରୋଧରେ ଅଷ୍ଟ୍ରେଲୀୟଙ୍କ ରାଲି ସିଡ୍‌ନୀ, ମେଲବର୍ଣ୍ଣ, ବ୍ରିସ୍‌ବେନ୍, କାନ୍‌ବେରା, ଆଡିଲେଡ୍, ପର୍ଥ, ହୋବାର୍ଟ ସମେତ ବିଭିନ୍ନ ସହରରେ ଅନୁଷ୍ଠିତ ହୋଇଛି। ଐତିହ୍ୟ ନିର୍ବିଶେଷରେ ସବୁ ଅଷ୍ଟ୍ରେଲୀୟଙ୍କର ନିରାପଦ ଅନୁଭବ କରିବାର ଅଧିକାର ରହିଛି ଓ ଆମ ସମ୍ପ୍ରଦାୟରେ ସ୍ୱାଗତଯୋଗ୍ୟ ବୋଲି ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସାମାଜିକ ଏକତାକୁ ଭାଗ ଭାଗ କରିବାକୁ ଓ ଏହାକୁ ନୀଚା ଦେଖାଉବାକୁ ଚାହୁଁଥିବା ଲୋକଙ୍କର ଆମ ଦେଶରେ ସ୍ଥାନ ନାହିଁ ବୋଲି ସେଠାର ଗୃହମନ୍ତ୍ରୀ ଟୋନି ବୁର୍କେ କହିଛନ୍ତି। ବହୁସଂସ୍କୃତିବାଦ ଆମ ଜାତୀୟ ପରିଚୟର ଏକ ଅଭିନ୍ନ ଓ ମୂଲ୍ୟବାନ୍ ଭାଗ ବୋଲି ବହୁସଂସ୍କୃତି ବିଭାଗ ମନ୍ତ୍ରୀ ଆନି ଆଲି କହିଛନ୍ତି।

# ସ୍ୱଦେଶୀ ସାମଗ୍ରୀ ଉପରେ ଗର୍ବ କରିବାକୁ ମୋଦିଙ୍କ ପରାମର୍ଶ

ନୂଆଦିଲ୍ଲୀ,୩୧।୮

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସ୍ୱଦେଶୀ ସାମଗ୍ରୀ ଉପରେ ଗର୍ବ ଅନୁଭବ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। 'ଭୋକାଲ ଫର୍ ଲୋକାଲ' ମନ୍ତ୍ର ଉପରେ ସେ ଜୋର୍ ଦେବା ସହ ଆତ୍ମନିର୍ଭର ଭାରତ ମାର୍ଗ ଦେଶକୁ ବିକଶିତ କରିବ ବୋଲି କହିଛନ୍ତି। ମନ୍ କୀ ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୈନନ୍ଦିନ ଜୀବନରେ ଯାହାସବୁ ଦରକାର, ତାହା ସ୍ୱଦେଶୀ ହେବା ଆବଶ୍ୟକ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ଦେଶକୁ ଆତ୍ମନିର୍ଭର କରାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଦେଶର ବିଭିନ୍ନ ଭାଗରେ ଗଣେଶ ପୂଜା ପାଳିତ ହେଉଥିବାବେଳେ ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଆସୁଛି। ଏହି ସମୟରେ ଉପହାର, ପୋଷାକ, ଘରସଜା ସାମଗ୍ରୀ ଯାହା କିଛି କିଣୁଛନ୍ତି, ସ୍ୱଦେଶୀ ଉତ୍ପାଦ କିଣିବାରେ ଆଦୌ ଭୁଲନ୍ତୁ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମନ୍ କୀ ବାତ୍‌ର ୧୨୫ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ବର୍ଷାଋତୁରେ ଦେଶର ବିଭିନ୍ନ ଭାଗରେ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟଣାକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଦେଶର ପରୀକ୍ଷା ନେଉଥିବା ସେ କହିଛନ୍ତି। ଏଭଳି ସଙ୍କଟ ସମୟରେ ସୁରକ୍ଷା ବଳ, ସ୍ଥାନୀୟ ଜନସାଧାରଣ, ସାମାଜିକ କର୍ମୀ, ଡାକ୍ତର, ପ୍ରଶାସନ ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀନଗରର ଡାଲ୍ ହ୍ରଦରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ନୌଚାଳନାରେ ଚାମ୍ପିଅନ୍ ହୋଇଥିବା ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସଫଳତା ସମ୍ପର୍କରେ କହିବା ସହ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି।

# 'ଏଜୁକେଟ୍ ଗର୍ଲ୍ସ'କୁ ମାଗ୍‌ସେସେ ପୁରସ୍କାର

ମାନିଲା,୩୧।୮(ପି.ଟି.)

educate girls

ସ୍କୁଲ ବାହାରେ ଦୁର୍ଗମ ଗ୍ରାମାଞ୍ଚଳରେ ଝିଅମାନଙ୍କୁ ଶିକ୍ଷାଦାନ କରୁଥିବା ଭାରତୀୟ ଏନ୍‌ଜିଓ 'ଏଜୁକେଟ୍ ଗର୍ଲ୍ସ' ଚଳିତ ବର୍ଷର ରମୋନ ମାଗ୍‌ସେସେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ରବିବାର ଫାଉଣ୍ଡେଶନ ପକ୍ଷରୁ ଘୋଷଣା କରାଯାଇଛି। ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାରେ ଏଜୁକେଟ୍ ଗର୍ଲ୍ସ ପ୍ରଥମ ଭାରତୀୟ ସଂଗଠନ ବୋଲି ରମୋନ ମାଗ୍‌ସେସେ ଆୱାର୍ଡ ଫାଉଣ୍ଡେଶନ (ଆର୍‌ଏମ୍‌ଏଏଫ୍) ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ରମୋନ ମାଗ୍‌ସେସେ ପୁରସ୍କାର ଏସିଆରେ ନୋବେଲ ପୁରସ୍କାର ସମକକ୍ଷ। ଏସିଆରେ ନିଃସ୍ୱାର୍ଥପର ସେବା ମନୋଭାବର ମହାନତାର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ପୁରସ୍କାରର ଅନ୍ୟ ୨ ବିଜେତା ହେଲେ ମାଳଦ୍ୱୀପର ସାହିନା ଅଲି ଏବଂ ଫିଲିପାଇନ୍ସର ଫ୍ଲାଭିଆନୋ ଆଣ୍ଟୋନିଓ ଏଲ୍ ଭିଲାନୁଏଭା। ପରିବେଶ ବିକାଶ ଦିଗରେ ସାହିନାଙ୍କ କାର୍ଯ୍ୟ ପାଇଁ ତାଙ୍କୁ ଏହି ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ରାଷ୍ଟ୍ରପତି ରମୋନ ମାଗସେସେଙ୍କ ଫଟୋ ଥିବା ମେଡାଲ, ପ୍ରଶସ୍ତିପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରାଯିବ। ୬୭ତମ ରମୋନ ମାଗ୍‌ସେସେ ପୁରସ୍କାର ପ୍ରଦାନ ଉତ୍ସବ ନଭେମ୍ବର ୭ରେ ମାନିଲାର ମେଟ୍ରୋପଲିଟାନ ଥିଏଟରରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏସିଆର ଏହି ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ସଫିନା ହୁସେନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଏଜୁକେଟ୍ ଗର୍ଲ୍ସ ମନୋନୀତ ହୋଇଛି। ଝିଅ ଏବଂ କମ୍ ବୟସ୍କା ମହିଳାମାନଙ୍କୁ ଶିକ୍ଷା ପ୍ରଦାନ ଜରିଆରେ ସେମାନଙ୍କୁ ନିରକ୍ଷରତାର ବନ୍ଧନରୁ ମୁକ୍ତ କରିବା ସହ ଦକ୍ଷ ଏବଂ ସାହସୀ କରାଇବା ଓ ପୂର୍ଣ୍ଣ ମାନବୀୟ ସାମର୍ଥ୍ୟ ହାସଲ କରାଇବା ଦିଗରେ ଏହି ସଂସ୍ଥା କାର୍ଯ୍ୟ କରିଥାଏ। ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସରୁ ସ୍ନାତକ ଡିଗ୍ରୀ ପରେ ସାନ୍‌ଫ୍ରାନ୍ସିସ୍କୋରେ କାର୍ଯ୍ୟ କରୁଥିବା ସାଫିନା ହୁସେନ୍ ନାରୀ ନିରକ୍ଷରତା ଆହ୍ୱାନକୁ ଗ୍ରହଣ କରି ୨୦୦୭ରେ ଏଜୁକେଟ୍ ଗର୍ଲ୍ସ ପ୍ରତିଷ୍ଠା କରିଥିଲେ। ପ୍ରଥମେ ରାଜସ୍ଥାନରେ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲା। ଆଦୌ ସ୍କୁଲ୍ ଯାଇ ନ ଥିବା ଓ ସ୍କୁଲ୍‌ଶିକ୍ଷାରୁ ବାଦ୍ ପଡ଼ିଥିବା ଝିଅମାନଙ୍କୁ ଆଣି ସେମାନଙ୍କୁ ଶିକ୍ଷା ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ସମର୍ଥ ହେବା ଓ ଲାଭଦାୟକ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ପାଖରେ ରଖିଥାଏ। ୨୦୧୫ରେ ଏହା ସାରା ଦେଶର ୩୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ୫୦ ପାଇଲଟ୍ ଭିଲେଜ ସ୍କୁଲ୍ ଆରମ୍ଭ କରିଥିଲା, ଯେଉଁଥିରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଝିଅ ସାମିଲ ହୋଇଛନ୍ତି।

# ସମନ୍ୱୟ ରହିଲେ ବିକାଶ ତ୍ୱରାନ୍ୱିତ ହେବ: କଲିକେଶ

ବଲାଙ୍ଗୀର,୩୧।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ରବିବାର ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା। ସକାଳେ ପୌରାଧ୍ୟକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସମସ୍ତ କାଉନସିଲର ଓ ପୌର କର୍ମଚାରୀଙ୍କ ଉପସ୍ଥିତିରେ ପୌର କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୧ଟା ସମୟରେ ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ପୌରାଧ୍ୟକ୍ଷା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲାପାଳ ତଥା ଏଡିଏମ୍ ପବିତ୍ର ବେହେରା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀସେନ ସୁନା, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ନିର୍ବାହୀ ଅଧିକାରୀ ବେହେରା ମଞ୍ଚାସୀନ ଥିଲେ। ନିର୍ବାହୀ ଅଧିକାରୀ ବେହେରା ସ୍ୱାଗତ ବକ୍ତବ୍ୟରେ ପୌର ପରିଷଦ ଏବଂ ଜନସାଧାରଣଙ୍କ ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ପୌରାଧ୍ୟକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ବିଗତ ତିନିବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗୀର ପୌର ପରିଷଦ ସହରରେ ୯୭ କିଲୋମିଟର ରାସ୍ତା ସହ ୪୮ କିଲୋମିଟର ଡ୍ରେନେଜ୍ ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ଗ୍ରୀନ୍ ବଲାଙ୍ଗୀର ଏବଂ ସୌନ୍ଦର୍ଯ୍ୟକରଣ କରିବା ପାଇଁ ୧୫ରୁ ଉର୍ଦ୍ଧ୍ୱ ପାର୍କ ସମେତ ୫ଟି କଲ୍ୟାଣ ମଣ୍ଡପ ନିର୍ମାଣ ହେଉଥିବା ସୂଚନା ଦେଇଥିଲେ। ମହାରାଣୀ ସାଗରର ଉନ୍ନତୀକରଣ କଥା କହି ବାକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ସିଂଦେଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦେଇଥିଲେ। ବଲାଙ୍ଗୀର ପୌର ପରିଷଦ ଜଳନିଧି ଯୋଜନାରେ କେନ୍ଦ୍ର ସରକାରଙ୍କ ଠାରୁ ପ୍ରଥମ ପୁରସ୍କାର ହାସଲ କରିବାର ସୌଭାଗ୍ୟ ସାଉଁଟି ସାରିଥିବା ଓ ବିଭିନ୍ନ ବର୍ଗରେ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହୋଇଥିବା କହିଥିଲେ। ବିଧାୟକ ସିଂଦେଓ ତାଙ୍କ ବକ୍ତବ୍ୟରେ ବିନା କାରଣରେ ଗରିବ ଲୋକଙ୍କୁ ବାସଚ୍ୟୁତ ନକରି ପ୍ରଶାସନ ଉନ୍ନୟନ ପ୍ରକଳ୍ପ ସହ ଲୋକଙ୍କ ସମସ୍ୟାର ସମାଧାନ କରନ୍ତୁ ବୋଲି କହିଥିଲେ। ବଲାଙ୍ଗୀର ସହର ମଧ୍ୟ ଭାଗରେ ଥିବା ସମଲେଶ୍ୱରୀ, ପାଟଣେଶ୍ୱରୀ, ଶିବ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ନରସିଂହ ମନ୍ଦିରକୁ ଏକ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସୂଚନା ଦେଇଥିଲେ। ବଲାଙ୍ଗୀର ସହରର ଡ୍ରେନେଜ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ ପୌର ପରିଷଦ, ପୂର୍ତ୍ତ ବିଭାଗ ସହ ଜାତୀୟ ରାଜପଥ ବିଭାଗର ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମନ୍ୱୟ ରହିଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ। ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା ପରିଷଦ ସିଡିଓ ସୁନା ତାଙ୍କ ବକ୍ତବ୍ୟରେ ସହରବାସୀଙ୍କୁ ଆଧୁନିକ ସେବା ଯୋଗାଇବା ପାଇଁ ପୌର ପରିଷଦ ନିଜକୁ ସଜାଗ ରଖିବା ଦିଗରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ଶେଷରେ ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ମ୍ୟୁନିସିପାଲିଟି କର୍ମଚାରୀ, ଏସ୍ଏଚ୍‌ଜି ମହିଳା, ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।



ସଭାରେ ମଞ୍ଚାସୀନ ଅତିଥି।

## ବଲାଙ୍ଗୀରରେ ସ୍ୱାୟତ୍ତ ଶାସନ ଦିବସ

# ବେଲପଡ଼ାରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ବେଲପଡା,୩୧।୮ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ପରିସରରେ ମିଶନ ଶକ୍ତି କାଫେ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ତାଙ୍କୁ ବ୍ଲକର ବିଭିନ୍ନ ଅଧିକାରୀ ଓ ଦଳର କର୍ମୀ ମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ପ୍ରଥମେ ବିଧାୟକ ସିଂଦେଓ ବେଲପଡା ବ୍ଲକର ଭରୁଆପାଲି ଗ୍ରାମରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନୂତନ କୋଠା ଏବଂ ଖରବାହାଲି ସ୍କୁଲରେ ଅତିରିକ୍ତ ଶ୍ରେଣୀ କୋଠରୀର ଉଦ୍‌ଘାଟନ କରିଥିଲେ। ସେଠାରୁ ବେଲପଡାକୁ ଆସି ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଉଦ୍‌ଘାଟନ କରିବା ସହ ସର୍ବସାଧାରଣଙ୍କ ପାଇଁ ବିଶ୍ରାମ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶେଷରେ ଜଲିଆ ଗ୍ରାମରେ ଏକ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ଉପଜିଲାପାଳ ସୁନିଲ ମେହେର, ତହସିଲଦାର ଅଭିଷେକ କିଷାନ, ବେଲପଡା ବିଡ଼ିଓ ରାଜେଶ ମେହେର, ଏବିଡିଓ ସାରଥୀ ସାହୁ, ସିଡିପିଇଓ ବିଦ୍ୟୁତପ୍ରଭା ନାଗଙ୍କ ସମେତ ଜିଲା ପରିଷଦ ସଭ୍ୟା ଶଶ ମିର୍ଦ୍ଧା ଓ ଅନିମା ଦାସ ଉପସ୍ଥିତ ଥିଲେ। ବିଧାୟକଙ୍କ ପ୍ରତିନିଧି ତରୁଣ ଦାସ, ପ୍ରଦୀପ ବୁଢେକ, ଆଲୋକ ବେହେରା, ପ୍ରେମାନନ୍ଦ ବେହେରା, ଜିତେନ୍ଦ୍ର ପାଣିଗ୍ରାହୀ, ଆନନ୍ଦ ମେହେର, ଅଶୋକ ମେହେର, କୈଳାସ ମେହେର ଓ ଦଳର ଅନ୍ୟ କର୍ମୀମାନେ ସାମିଲ ହୋଇଥିଲେ।

# ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା


ନଗରପାଳ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

## କଣ୍ଟାବାଞ୍ଜି ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

କଣ୍ଟାବାଞ୍ଜି,୩୧।୮ (ଗୁରୁଦୟାଳ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାଲୁଜା ତାଙ୍କ ବକ୍ତବ୍ୟରେ ଡବଲ ଇଞ୍ଜିନ ସରକାରରେ କୌଣସି ଅନୁଦାନ ଆସିନାହିଁ। ଆଗାମୀ ଦିନରେ ଅନୁଦାନ ଆସିଲେ ନିଶ୍ଚିତ ଭାବେ ଉନ୍ନତିମୂଳକ କାର୍ଯ୍ୟ କରାଯିବ। ସହରର ପରିମଳ ଓ ସ୍ୱଚ୍ଛତା ପାଇଁ ସ୍ୱଚ୍ଛ ସାଥୀ ଏବଂ ସମସ୍ତ ସଫେଇ କର୍ମଚାରୀମାନଙ୍କ ସହଯୋଗ ସହିତ ନଗରବାସୀ ଭାଗିଦାରୀ ହେଲେ ନିଶ୍ଚିତ ଭାବେ କଣ୍ଟାବାଞ୍ଜି ରାଜ୍ୟର ଏକ ଶ୍ରେଷ୍ଠ ଏନଏସି ଭାବେ ବିବେଚିତ ହେବ ବୋଲି କହିଥିଲେ। କଣ୍ଟାବାଞ୍ଜି ସହରର ସର୍ବାଙ୍ଗୀନ ବିକାଶ ପାଇଁ ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ କେତେକ କାର୍ଯ୍ୟ ଧିମେଇ ଯାଉଛି, ଯାହା ଆଗାମୀ ଦିନରେ ପୂର୍ଣ୍ଣ ହେବ ବୋଲି ସାଲୁଜା କହିଥିଲେ। ଏହି ଦିବସରେ କର୍ମଚାରୀମାନଙ୍କ ପାଇଁ ଚଳିତବର୍ଷ କୌଣସି ପ୍ରକାର ପ୍ରୋତ୍ସାହନ ମିଳି ପାରି ନ ଥିବାରୁ ନଗରପାଳ ସାଲୁଜା କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ମନୋରମା ରାଉତ, ୧୬ ଗୋଟି ୱାର୍ଡର ସଭ୍ୟା ସଭ୍ୟ, ଏନଏସି କର୍ମଚାରୀ, ସ୍ୱଚ୍ଛ ସାଥୀ ଏବଂ ସଫେଇ କର୍ମଚାରୀ ସାମିଲ ଥିଲେ।

# ଜାତୀୟ କ୍ରୀଡ଼ା ଦିବସ ପାଳିତ

ଖପ୍ରାଖୋଲ,୩୧।୮ (ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ର ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନେ ପାଠ ପଢା ସହିତ ଉତ୍ତମ ଖେଳାଳି ହେବା ପାଇଁ ଉଦ୍ୟମ କରିବାକୁ କହିଥିଲେ। କ୍ରୀଡା ଶିକ୍ଷକ ରଜତ କୁମାର ଦାସ ମେଜର ଧ୍ୟାନ ଚାନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଅନ୍ତରଙ୍ଗ ଅଲେଖ ମହିମା ଆଶ୍ରମରେ ନୂଆଁଖାଇ ପାଳିତ

ଟିଟିଲାଗଡ଼,୩୧।୮ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ସତ୍ୟ ସନାତନ ଅନ୍ତରଙ୍ଗ ଅଲେଖ ମହିମା ଆଶ୍ରମ ବିନେକେଲାଠାରେ ଭାଇଚାରାର ପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ନୀଳକଣ୍ଠ ଦାସଙ୍କ ପୌରୋହିତ୍ୟରେ ଅଖଣ୍ଡ ଅଲେଖ ମହିମା ଯଜ୍ଞ ହୋଇଥିଲା । ୨୭ ତାରିଖ ସନ୍ଧ୍ୟାରୁ ଯଜ୍ଞ ଆରମ୍ଭ କରାଯାଇ ୨୮ତାରିଖ ସକାଳେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୂର୍ଣ୍ଣାହୁତି ପୂର୍ବରୁ ଘୃତାହୁତି କରି ଜଗତର ମଙ୍ଗଳ କାମନା କରିବା ସହିତ ସତ୍ୟମାର୍ଗରେ ଚାଲିବା ପାଇଁ ପ୍ରେରଣା ଦେଇଥିଲେ। ଏହି ସମୟରେ ଦୂରଦୂରାନ୍ତ ସ୍ଥାନରୁ ଆସିଥିବା ଅଲେଖ ମହିମା ଭକ୍ତମାନେ ଏକାଠି ନୂଆ ଖାଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି, ନୟାଗଡ, ବାଲେଶ୍ୱର ଓ ବଲାଙ୍ଗୀର ଜିଲାର ସମସ୍ତ ବ୍ଲକରେ ଥିବା ଭକ୍ତମାନେ ଯୋଗ ଦେଇଥିଲେ ।

# ବିଷ ପିଇ ଯୁବକଙ୍କ ମୃତ୍ୟୁ

ପାଟଣାଗଡ଼,୩୧।୮ (ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ଥାନା ବାଞ୍ଜୀଖାଲ ଗାଁରେ ରବିବାର ବିଷ ପିଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୀବ ବରିହା (୩୫)। ସଞ୍ଜୀବ ଘରେ ପୂଜା ବିସର୍ଜନ ସାରି ଘରକୁ ଫେରିଥିଲେ। ମାତ୍ର କୌଣସିକାରଣରୁ ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପାଟଣାଗଡ଼ ଉପଖଣ୍ଡ ଡ଼ାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସଇଁତଲା,୩୧।୮ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ସାଧନ କେନ୍ଦ୍ର ପରିସରରେ ରବିବାର ଦିନ ପିତାମହୁଲ ସରକାରୀ ବିଦ୍ୟାଳୟର ଶିକ୍ଷକ ତଥା ସିଆରସିସି ଚିନ୍ତାମଣି ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଜଣେ ମିଷ୍ଟଭାଷୀ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବରେ ନିଜର ପରିଚୟ ସୃଷ୍ଟି କରି ପାରିଥିଲେ। ରବିବାର ଦିନ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ବ୍ଲକ କଲୋନୀ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରକାଶ କୁମାର ପଣ୍ଡା, ଅତିଥି ଭାବେ ରାଧାନାଥ ମିଶ୍ର ଓ ଦିଲିପ କୁମାର ବରୱା ଯୋଗ ଦେଇଥିଲେ। ଶିକ୍ଷକ ବୈକୁଣ୍ଠ ସାହୁ ସଭାପତିତ୍ୱ କରିଥିଲେ। ସରୋଜ କୁମାର ବୈଠାରୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ଷେତ୍ରପତି ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋଇସିଂହାକୁ ଏନଏସି ଘୋଷଣା

ଲୋଇସିଂହା,୩୧।୮ (ସୁଶାନ୍ତ ବାରିକ)

ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଟି ନୂତନ ଏନଏସି ନାଁ ଘୋଷଣା କରିଛନ୍ତି। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହାର ନାଁ ରହିଛି। ଏହା ଘୋଷଣା ହେବା ପରେ ଲୋଇସିଂହା ଓ ବୁର୍ଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବା ଅଞ୍ଚଳବାସୀ ଓ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ଏନେଇ ସ୍ଥାନୀୟ ବିଧାୟକ ଏବଂ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।୧୯୫୭ରେ ଲୋଇସିଂହା ବିଧାନସଭା କ୍ଷେତ୍ର ଗଠନ ହୋଇ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି । ସୁବର୍ଣ୍ଣପୁର ଜିଲାର ତରଭା ଏନଏସି ଘୋଷଣା ହେବା ସମୟରୁ ଲୋଇସିଂହାକୁ ଏନଏସି କରିବାକୁ ରାଜ୍ୟ ସରକାର ଯୋଜନା ରଖିଥିଲେ। ୨୦୧୪ ମସିହାରେ ଏନଏସି ହେବାର ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ କାର୍ଯ୍ୟକାରୀ ହୋଇ ନ ଥିଲା। ଏହାପରେ ଏନଏସି ପାଇଁ ଆନ୍ଦୋଳନ ତୀବ୍ରତର ହୋଇଥିଲା। ପରବର୍ତ୍ତୀ ସମୟରେ ଆଞ୍ଚଳିକ ବିକାଶ ପରିଷଦ ଗଠନ କରାଯାଇଥିଲା। ପ୍ରସ୍ତାବିତ ଏନଏସି ଦାବିରେ ୨୪ ଫେବୃୟାରୀ ୨୦୨୧ରେ ଆଞ୍ଚଳିକ ବିକାଶ ପରିଷଦର ଆହ୍ୱାନକ୍ରମେ ବିଭିନ୍ନ ସଂଗଠନ ସାମିଲ ହୋଇ ମାସାଧିକ କାଳ ଯାଏ ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯାଇଥିଲା। ଏଥିରେ ସେତେବେଳେ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇ ଦାବି ଯଥାର୍ଥ ବୋଲି ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଥିଲେ। ସେତେବେଳେ ଜିଲା ପ୍ରଶାସନର ଏକ ପ୍ରତିନିଧି ଦଳ ଧାରଣା ସ୍ଥଳକୁ ଆସି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ଏନଏସି ନେଇ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ସମସ୍ତ ଦସ୍ତାବିଜର ନକଲ ଆନ୍ଦୋଳନକାରୀଙ୍କୁ ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୨୦୨୪ ମେ ମାସରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ପୂର୍ବରୁ ୨୪ ଫେବୃୟାରୀରେ ତତ୍କାଳୀନ ସରକାର ନୂତନ ଭାବେ ୩୪ ଟି ଏନଏସି ଘୋଷଣା କରିଥିଲେ। ହେଲେ ସେଥିରେ ପ୍ରସ୍ତାବିତ ଲୋଇସିଂହାର ନାମ ନ ଥିଲା। ଏହାକୁ ନେଇ ଲୋଇସିଂହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିବର୍ଷ ୨୫ ଫେବୃୟାରୀରେ ଲୋଇସିଂହାକୁ ଏନଏସି ମାନ୍ୟତା ନ ମିଳିବା ପ୍ରତିବାଦରେ ଲୋଇସିଂହା ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ ଭାଜପା ବିଧାୟକ ମହାଲିଙ୍ଗ ସାମିଲ ହୋଇ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ଚଳିତମାସ ପ୍ରଥମ ସପ୍ତାହରେ ରାଜ୍ୟ ସରକାର କେତେକ ଏନଏସି ଘୋଷଣା କରିଥିଲେ। ହେଲେ ଦାବିଦାର ଥିବା ଲୋଇସିଂହାକୁ ଉପେକ୍ଷିତ କରାଯାଇଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ୱାୟତ୍ତ ଶାସନ ଦିନ ଲୋଇସିଂହା ନାଁ ଘୋଷଣା ହେବ ବୋଲି ଆଶ୍ୱାସନା ଦିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ୟମକ୍ରମେ ଲୋଇସିଂହାକୁ ଏନଏସି ମାନ୍ୟତା ମିଳିଥିବା କହି ରବିବାର ଭାଜପା କର୍ମୀମାନେ ବାଣ ଫୁଟାଇ ଓ ମିଠା ବାଣ୍ଟି ବିଜୟ ଉତ୍ସବ ମନାଇଥିଲେ। ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ମଧ୍ୟ ସାମିଲ ଥିଲେ ।


GOVERNMENT OF ODISHA
**Office of the Superintending Engineer**
**Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. 8576//Dtd.25.08.2025
No.B-464
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-10/2025-26

1. Name of work : Road works
2. No. of works : 7 Nos. Road work
3. No. of Covers : Single Cover
4. Estimated cost : Rs.4.93 lakhs to Rs.32.98 Lakhs
5. Period of Completion : One Calendar Month
6. Date of time of availability of bid document in the portal : From 12.00 Noon of dated 30.08.2025 to 5.00 P.M. of dated 06.09.2025
7. Last date/time for receipt of bids in the portal : Up to 5.00 P.M. of dated 06.09.2025
8. Date of opening of bid documents : At 11.00 A.M. of dated 08.09.2025
9. Class of contractor : "D", "C" & "B" Class Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division
OIPR-34015/11/0030/2526



**ZILLA PARISHAD OFFICE : BARGARH**
(ODISHA LIVELIHOODS MISSION
e-mail : bargarhdpm.olm@gmail.com, ori-dbargarh@nic.in
Tel. No. 06646 (296365)
Tender Call Notice No. 127/OLM/ZP Dt-22.08.2025
**TENDER CALL NOTICE**

**No.CAD-1615** : Sealed Tenders are invited in double cover i.e., Technical & Financial Bid from intending reputed registered Printing Firms, Suppliers, Dealers & Companies for supply of Poshan Sakhis Kit under FNHW Initiatives to OLM, DMMU, ZP, Bargarh. Bid documents should be submitted through Registered post/Speed post/Courier on or before dt-06.09.2025 by 12:00 (P.M.).

| Sl. No. | Particulars | Qnt. Required (Unit) |
|---|---|---|
| 01 | Poshan Sakhis Kit under FNHW Initiatives | 1521 |

For more details, please login to the district website https://bargarh.odisha.gov.in

Sd./- CDO-cum-DMC, OLM
Zilla Parishad, Bargarh
OIPR-19244/11/0008/2526



**ZILLA SWASTHYA SAMITI, SAMBALPUR**
DISTRICT PROGRAMME MANAGEMENT UNIT, NHM
SAMBALPUR, ODISHA, 768002
E-mail : nhmsambalpur@gmail.com Phone : (0663)-2400441
Letter No. : 2304/DPMU/NHM Date : 26.08.2025
**TENDER CALL NOTICE**

**No.E-353** : Sealed quotations are invited in the prescribed format from Travel agencies/Private Organization/ Individuals for hiring of vehicles (BOLORO/ CAR/Ertiga/Rumion etc) with A/C and Non A/C on monthly rental basis for engagement/On call basis for engagement /empanelment of vehicles for **DHH/SDH/DPMU/CPMU/BPMU/MHT/ MHU, Programme**. Interested travel agencies/Private Organisation/ Individuals may apply in the prescribed format. The details terms and conditions and formats will be available at district website www.sambalpur.odisha.gov.in **from 26.08.2025 to 10.09.2025 till 5 P.M.** The complete quotations should reach at 0/0 CDM & PHO on or before **10.09.2025 by 05 P.M.** through Speed Post/Regd. Post/Courier/ by person only. The sealed quotation will be opened on **dated 11.09.2025 at 11.00 A.M.** in the office chamber of the undersigned. The quotation should be superscribed as **"Tender for Hiring of Vehicles under DPMU/CPMU/BPMU /Rashtriya Bal Swasthya Karyakram (RBSK)"/ MHU for DHH/SDH/CHC__ .".** The undersigned reserves the right to reject any or all the quotations without assigning any reason thereof.

Sd./- CDM & PHO-cum-
District Mission Director, Sambalpur
OIPR-10049/11/0021/2526



Government of Odisha "e" procurement Notice
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E (R&B)KPT - 12/2025-26
No.B-461

1. Name of the work : **Road Works**
2. Total No. of works : 04 Nos.
3. Estimated cost : **Rs.7.07 to 24.26** Lakhs
4. Period of completion : 01 (One) Month to 03 (Three) Months
5. Date & Time of availability of bid document in the portal : From **01.09.2025** at 11.00 hours to **08.09.2025** upto 17.00 hours
6. Last date / Time for receipt of bids in the portal : **08.09.2025** upto 17.00 hours
7. Date of opening of Tender : **09.09.2025** at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer
Koraput (R&B) Division
OIPR-34096/11/0030/2526



**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdossclitd456@gmail.com
NIT No. - OSSC/Mktg (Hort) - 47/2025
**e-Tender Call Notice for Procurement of Certified Seed Potato for Rabi-2025-26**

**No.CAD-1621** : OSSC Ltd. invites Short e-Tender only from registered potato producers (and in case of GOI PSUs, their authorized Agencies) on item wise rate contract basis **for Procurement of Certified Seed Potato for Rabi-2025-26** in double cover system through online mode only for the work below.

| | |
|---|---|
ଝାରସୁଗୁଡ଼ା ଜିଲ୍ଲାର ଟାଣ୍ଡୁଆ ନେତା ସ୍ୱର୍ଗତ କିଶୋର ମହାନ୍ତି ଏବଂ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଲକା ମହାନ୍ତିଙ୍କ ପୁଅ ଦୁର୍ଗେଶ ମହାନ୍ତି ରାଜନୀତିରେ ପ୍ରବେଶ କରିବା ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି। ସେ ଗତ ୨୯ ତାରିଖରେ ଝାରସୁଗୁଡ଼ା ଜିଲ୍ଲାର ୧୮ଟି ସ୍ଥାନରେ ଅନୁଷ୍ଠିତ ଗଣେଶ ପୂଜା ତଥା ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ନିଜର ୨୫ତମ ଜନ୍ମଦିନ ପାଳନ କରି କେକ୍ କାଟିଛନ୍ତି। ଏହି ଘଟଣା ପରେ ଅଲକାଙ୍କ ରାଜନୈତିକ ମଞ୍ଚ ଧରିବା ନେଇ ସାଧାରଣରେ ଆଲୋଚନା ହେଉଛି। ଝାରସୁଗୁଡ଼ା ଜିଲ୍ଲା ଗଠନ ହେବା ଦିନଠାରୁ ଜିଲ୍ଲାରେ କିଶୋରଙ୍କ ପରିବାରର ରାଜନୈତିକ ପତିଆରା ରହିଆସିଛି। ପୂର୍ବରୁ କିଶୋର ଝାରସୁଗୁଡ଼ା ଓ ବ୍ରଜରାଜନଗରର ବିଧାୟକ, ବିଧାନସଭା ବାଚସ୍ପତି, ରାଜ୍ୟ ସଭା ସଦସ୍ୟ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ସଚେତକ ପଦବୀରେ ରହିଥିଲେ। ଉତ୍ତମ ବ୍ୟବହାର, ସାହାଯ୍ୟ ମନୋବୃତ୍ତି ଯୋଗୁ ସେ ଝାରସୁଗୁଡ଼ା ଜିଲ୍ଲାର ଲୋକଙ୍କ ହୃଦୟ ଜିତିଥିବାବେଳେ ବିରୋଧୀ ଗୋଷ୍ଠୀ ମଧ୍ୟ ତାଙ୍କୁ ପ୍ରଶଂସା କରୁଥିଲେ। ହେଲେ ୨୦୨୧ ଡିସେମ୍ବରରେ ବିଜେଡିର ବ୍ରଜରାଜନଗର ବିଧାୟକ ଥିବାବେଳେ କିଶୋରଙ୍କ ଅକାଳ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ପତ୍ନୀ ଅଲକା ମହାନ୍ତି ବିଜେଡି ଟିକେଟ୍‌ରେ ଉପନିର୍ବାଚନରେ ଲଢ଼ି ବିଜୟୀ ହୋଇଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ଅଲକା ବ୍ରଜରାଜନଗର ନିର୍ବାଚନମଣ୍ଡଳକୁ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଭାଜପା ନେତା ସୁରେଶ ପୂଜାରୀଙ୍କଠାରୁ ପରାସ୍ତ ହୋଇଥିଲେ। କିଶୋରଙ୍କ ମୃତ୍ୟୁବେଳକୁ ଦୁର୍ଗେଶଙ୍କ ବୟସ ୨୧ ବର୍ଷ ହୋଇଥିବାବେଳେ ଗତ ସାଧାରଣ ନିର୍ବାଚନ ବେଳକୁ ୨୪ ବର୍ଷ ହୋଇଥିଲା। ଆଇନ ଅନୁସାରେ ଜଣେ ବ୍ୟକ୍ତି ବିଧାୟକ ପ୍ରାର୍ଥୀ ହେବା ପାଇଁ ଅତିକମ୍‌ରେ ୨୫ ବର୍ଷ ହେବା କଥା। ଗତ ୨୯ ତାରିଖରେ ଦୁର୍ଗେଶଙ୍କୁ ୨୫ ବର୍ଷ ପୂରଣ ହୋଇଛି। ଏହି ଅବସରରେ କିଶୋରଙ୍କ ସମର୍ଥକମାନେ ଜିଲ୍ଲାର ୧୮ଟି ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଦୁର୍ଗେଶଙ୍କୁ ଅତିଥି ଭାବେ ଡାକି ଜନ୍ମଦିନ ପାଳନ କରିବା ସହ କେକ୍ କାଟିଥିଲେ। ପୂର୍ବ ବର୍ଷଗୁଡ଼ିକରେ ପାଳନ ହେଉଥିବା ଦୁର୍ଗେଶଙ୍କ ଜନ୍ମଦିନରେ ହୋର୍ଡିଂ କିମ୍ବା ବ୍ୟାନର ଲଗାଯାଇ ନ ଥିବାବେଳେ ଚଳିତବର୍ଷ ଝାରସୁଗୁଡ଼ାର ଗଳିକନ୍ଦିରେ ଦୁର୍ଗେଶଙ୍କୁ କିଶୋର ମିଠା ଖୁଆଉଥିବା ହୋର୍ଡିଂ ଓ ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଛି। ତେଣୁ ଆଗାମୀ ଦିନରେ ଦୁର୍ଗେଶ ଜିଲ୍ଲାରେ ସଙ୍ଗଠନ ପାଇଁ କାର୍ଯ୍ୟ କରିବା ସହିତ ରାଜ୍ୟ ରାଜନୀତିରେ ସକ୍ରିୟ ହୋଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ବିଟିଏମ୍‌ରେ ନିର୍ମାଣ ହେବ ପୌର କାର୍ଯ୍ୟାଳୟ

ଝାରସୁଗୁଡ଼ା,୩୧।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ରବିବାର ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଛନ୍ତି, ବିଟିଏମ୍ ଅଞ୍ଚଳରେ ଖୁବ୍‌ଶୀଘ୍ର ଝାରସୁଗୁଡ଼ା ପୌର ପରିଷଦର ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ। ରାଉରକେଲା, ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ଢାଞ୍ଚାରେ ଉକ୍ତ କାର୍ଯ୍ୟାଳୟ ନିର୍ମାଣ କରାଯିବ। କିଛିଦିନ ତଳେ ପୌର ପରିଷଦର ଏକ ଟିମ୍ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଯେଉଁସବୁ ପ୍ରସ୍ତାବ ଦେଇଥିଲେ, ସେସବୁ ଅତିଶୀଘ୍ର ମଞ୍ଜୁର ହୋଇ କାର୍ଯ୍ୟରେ ପରିଣତ କରାଯିବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ


କାର୍ଯ୍ୟକ୍ରମରେ ବିଧାୟକ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ସ୍ୱାୟତ୍ତ ଶାସନ ଦିବସ ପାଳିତ**

ଝାରସୁଗୁଡ଼ା ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, କାଉନ୍‌ସିଲର ବନ୍ଦନା ମୁଦ୍ରା, ଦେବବ୍ରତ ପାଣ୍ଡେ, ତରଙ୍ଗ ଦୁବେଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସଫେଇ କର୍ମଚାରୀ ମଧ୍ୟ ପୁରସ୍କୃତ ହୋଇଥିଲେ।

# କାର ଧକ୍କାରେ ବାଇକ୍ ଆରୋହୀ ମୃତ

ଝାରସୁଗୁଡ଼ା,୩୧।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିମାନବନ୍ଦର ଥାନା ଅନ୍ତର୍ଗତ ବରମାଲ ଗ୍ରାମ ରାସ୍ତାରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁର୍ଲଗା ଗ୍ରାମର ସୀତା ଚରଣ ନେଟି। ସେ ବାଇକ୍ (ନଂ. ଓଆର୍‌୨୩କେ-୧୬୩୦)ରେ ବରମାଲ ଅଭିମୁଖେ ଯାଉଥିବାବେଳେ ପଛରୁ କାର୍ (ନଂ. ଓଡି୧୫ଏଲ୍-୫୪୯୯) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲ୍ଲା ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ବିମାନବନ୍ଦର ଥାନାରେ ପୋଲିସ ଏକ ମାମଲା (ନଂ. ୧୪୨/୨୫) ରୁଜୁକରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଏଥିସହ କାର୍‌ଚାଳକ ସୁବାସ କାଲୋଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଝାରସୁଗୁଡ଼ା, ୩୧।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ରବିବାର ଅପରାହ୍ନରେ ଝାରସୁଗୁଡ଼ା ଭାଜପା ପକ୍ଷରୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଶନିବାର ବିହାରରେ ଅନୁଷ୍ଠିତ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହାକୁ ବିରୋଧ କରି ଭାଜପା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକାଠି ହୋଇ ରାହୁଲଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଳ, ଅରବିନ୍ଦ



ପାଠକ, ଜିଲ୍ଲା ସମ୍ପାଦକ ପ୍ରେମସେନ ରୟ, ଯୁବମୋର୍ଚ୍ଚା ସଭାପତି ବିବେକ ଶ୍ରୀବାସ, ପ୍ରଦୀପ ଦାସଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସ୍ୱାୟତ୍ତ ଶାସନ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୩୧।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ରବିବାର ପାଳିତ ହୋଇଯାଇଛି। ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲାପାଳ ପରିକ୍ଷିତ ସାହୁ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ, ରାଶନ କାର୍ଡ ଏବଂ ସ୍ୱଚ୍ଛ କର୍ମଚାରୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ସକାଳେ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜାତୀୟ ପତାକା ଉତ୍ତୋଳନ, ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ପୌର ପରିଷଦ ପକ୍ଷରୁ ଫଳବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସମସ୍ତ କାଉନ୍‌ସିଲର, ବରିଷ୍ଠ ନାଗରିକ, ପୌର ପରିଷଦ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜନ୍ମେଜୟ ନାୟକ ଓ ସୁମନ ମହାକୁଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କୁ ସମ୍ମାନିତ କରାଯାଉଛି।

ଝାରସୁଗୁଡ଼ା,୩୧।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମରେ ରବିବାର ପୂର୍ବାହ୍ନରେ ନବ ଦାସ ଫାଉଣ୍ଡେଶନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ, ସମ୍ମାନିତ ଅତିଥି ଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ରାଜକିଶୋର ଦାସ, ବିଶ୍ୱନାଥ ତ୍ରିପାଠୀ, ପିଣ୍ଟୁ ପାଢ଼ୀ, ଦାମୋଦର ନାଥ, ତାପସ ରାୟ ଚୌଧୁରୀ, ରବି ସିଂ, ରଘୁମଣି ପଟେଲ, ସନ୍ଦିପ ଅବସ୍ଥି, ଗଜାନନ୍ଦ ତିୱାରୀ, ଚିରଞ୍ଜୀବୀ ପତି, ତୁଳସୀ ଦାସ, ଶଶି ତିୱାରୀ, ଆଲୋକ ପ୍ରଧାନ, ଲିଙ୍ଗରାଜ ମହାପାତ୍ର, ଦୀପା ନାଇକ, ନାନିତ କୌର ଯୋଗଦେଇଥିଲେ। ଏହି ଅବସରରେ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କଳାକାର ଏବଂ ସ୍ଥାନୀୟ ମହିଳାଙ୍କ ସହ ସମ୍ବଲପୁରୀ ଗୀତରେ ଦୀପାଳି ନୃତ୍ୟ କରିଥିଲେ। ଖିଦମତ କମିଟି, ଗୁରୁଦ୍ୱାରା କମିଟି, ଇଏସ୍‌ଆଇ ଛକ ଦୁର୍ଗାପୂଜା କମିଟି, ଗୁରୁ ପଦ୍ମଶ୍ରୀ ଘଡ଼େଇଙ୍କ ଅର୍କେଷ୍ଟ୍ରା ଗ୍ରୁପ୍ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱେଜଲ ପ୍ରଧାନ, ପୁଷ୍ପାଞ୍ଜଳି ସାହୁ, ଆଲୋକ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।


**GOVERNMENT OF ODISHA**
**Office of the Superintending Engineer**
**Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. 8576//Dtd.25.08.2025
No.B-464
**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-10/2025-26

1. Name of work : Road works
2. No. of works : 7 Nos. Road work
3. No. of Covers : Single Cover
4. Estimated cost : Rs.4.93 lakhs to Rs.32.98 Lakhs
5. Period of Completion : One Calendar Month
6. Date of time of availability of bid document in the portal : From 12.00 Noon of dated 30.08.2025 to 5.00 P.M. of dated 06.09.2025
7. Last date/time for receipt of bids in the portal : Up to 5.00 P.M. of dated 06.09.2025
8. Date of opening of bid documents : At 11.00 A.M. of dated 08.09.2025
9. Class of contractor : "D", "C" & "B" Class Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division
OIPR-34015/11/0030/2526

**ZILLA PARISHAD OFFICE : BARGARH**
(ODISHA LIVELIHOODS MISSION
e-mail : bargarhdpm.olm@gmail.com, ori-dbargarh@nic.in
Tel. No. 06646 (296365)
Tender Call Notice No. 127/OLM/ZP Dt-22.08.2025
**TENDER CALL NOTICE**

**No.CAD-1615** : Sealed Tenders are invited in double cover i.e., Technical & Financial Bid from intending reputed registered Printing Firms, Suppliers, Dealers & Companies for supply of Poshan Sakhis Kit under FNHW Initiatives to OLM, DMMU, ZP, Bargarh. Bid documents should be submitted through Registered post/Speed post/Courier on or before dt-06.09.2025 by 12:00 (P.M.).

| Sl. No. | Particulars | Qnt. Required (Unit) |
|---|---|---|
| 01 | Poshan Sakhis Kit under FNHW Initiatives | 1521 |

For more details, please login to the district website https://bargarh.odisha.gov.in

Sd./- CDO-cum-DMC, OLM
Zilla Parishad, Bargarh
OIPR-19244/11/0008/2526

**RAVENSHAW UNIVERSITY**
**CUTTACK - 753003, ODISHA**
**WALK-IN-INTERVIEW**

**No.CAD-1630** : Candidates are invited for walk-in-interview for engagement as Guest Faculty in different courses like MCA, JMC, ITM, BCA and Rural Development of Ravenshaw University.
For details please visit 'www.ravenshawuniversity.ac.in'.
**No.3395 / Dt.26.08.2025**
OIPR-11008/11/0036/2526 Registrar

**ବୀରମିତ୍ରପୁର ପୌର ପରିଷଦ, ବୀରମିତ୍ରପୁର**

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସହରର ସମସ୍ତ ନାଗରିକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ବୀରମିତ୍ରପୁର ପୌରାଞ୍ଚଳକୁ ସବୁଜ, ସୁନ୍ଦର, ପ୍ରଦୂଷଣ ମୁକ୍ତ ଏବଂ ଏକ ଅଗ୍ରଗାମୀ ପୌର ପରିଷଦ ରୂପେ ଗଢ଼ି ତୋଳିବା ପାଇଁ ଆପଣମାନଙ୍କର ଅକୁଣ୍ଠିତ ସହଯୋଗ ଅଛି । ନିବେଦନ: ୧. ପୌର ପରିଷଦର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ ଏବଂ ଦୋକାନ ଗୃହ ଭଡ଼ା ଠିକ୍ ସମୟରେ ପଇଠ କରନ୍ତୁ । ୨. ଘରର ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ପୌରପାଳିକା ଦ୍ୱାରା ଯୋଗାଇ ଦିଆଯାଉଥିବା ଡଷ୍ଟବିନ୍‌ରେ ପକାନ୍ତୁ । ୩. ରାସ୍ତା ଉପରକୁ ଗୋରୁ, ଗାଈ ଓ ମଇଁଷି ଛାଡନ୍ତୁ ନାହିଁ । ଦୁର୍ଘଟଣା ମୁକ୍ତ ପରିବେଶ ସୃଷ୍ଟି କରନ୍ତୁ । ୪. ସୁଲଭ ଶୌଚାଳୟ ବ୍ୟବହାର କରନ୍ତୁ, ବାହାରେ ମଳତ୍ୟାଗ କରନ୍ତୁ ନାହିଁ । ୫. ଜନ୍ମମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ । ୬. ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ପ୍ରବୃତିରେ ନିଜର ପରିବେଶକୁ ସଫାସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗଗୁଡିକ ପୌରାଞ୍ଚଳରେ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ । ୭. ରାସ୍ତା ଉପରକୁ ଘରର ମଇଳା ପାଣି ଛାଡନ୍ତୁ ନାହିଁ । ୮. ପୌର ପରିଷଦ ସମ୍ପତ୍ତି ଆପଣଙ୍କର ସମ୍ପତ୍ତି, ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା କରନ୍ତୁ । ୯. ପୌର ପରିଷଦ ଅଞ୍ଚଳକୁ ପରିଷ୍କାର, ସଫାସୁତୁରା ରଖି ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ ।

ଶ୍ରୀ ସନ୍ଦୀପ ମିଶ୍ର, ଅଧ୍ୟକ୍ଷ, ବୀରମିତ୍ରପୁର ପୌରପରିଷଦ
ଶ୍ରୀମତୀ ନିବେଦିତା ବାଗେ, ଉପଅଧ୍ୟକ୍ଷ, ବୀରମିତ୍ରପୁର ପୌର ପରିଷଦ
ଶ୍ରୀ ୟାସିର ବିଲାଲ ଅହମ୍ମଦ, ନିର୍ବାହୀ ଅଧିକାରୀ, ବୀରମିତ୍ରପୁର ପୌର ପରିଷଦ
ଏବଂ ପରିଷଦର ସମସ୍ତ ସଭ୍ୟ ଓ ସଭ୍ୟା ବୃନ୍ଦ

**ZILLA SWASTHYA SAMITI, SAMBALPUR**
DISTRICT PROGRAMME MANAGEMENT UNIT, NHM
SAMBALPUR, ODISHA, 768002
E-mail : nhmsambalpur@gmail.com Phone : (0663)-2400441
Letter No. : 2304/DPMU/NHM Date : 26.08.2025
**TENDER CALL NOTICE**

**No.E-353** : Sealed quotations are invited in the prescribed format from Travel agencies/Private Organization/ Individuals for hiring of vehicles (BOLORO/ CAR/Ertiga/Rumion etc) with A/C and Non A/C on monthly rental basis for engagement/On call basis for engagement /empanelment of vehicles for **DHH/SDH/DPMU/CPMU/BPMU/MHT/MHU, Programme**. Interested travel agencies/Private Organisation/ Individuals may apply in the prescribed format. The details terms and conditions and formats will be available at district website www.sambalpur.odisha.gov.in **from 26.08.2025 to 10.09.2025 till 5 P.M.** The complete quotations should reach at 0/0 CDM & PHO on or before **10.09.2025 by 05 P.M.** through Speed Post/Regd. Post/Courier/ by person only. The sealed quotation will be opened on **dated 11.09.2025 at 11.00 A.M.** in the office chamber of the undersigned. The quotation should be superscribed as **"Tender for Hiring of Vehicles under DPMU/CPMU/BPMU /Rashtriya Bal Swasthya Karyakram (RBSK)"/ MHU for DHH/SDH/CHC__ ."**. The undersigned reserves the right to reject any or all the quotations without assigning any reason thereof.

Sd./- CDM & PHO-cum-
District Mission Director, Sambalpur
OIPR-10049/11/0021/2526

**Government of Odisha "e" procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E (R&B)KPT - 12/2025-26
No.B-461

1. Name of the work : **Road Works**
2. Total No. of works : 04 Nos.
3. Estimated cost : **Rs.7.07 to 24.26** Lakhs
4. Period of completion : 01 (One) Month to 03 (Three) Months
5. Date & Time of availability of bid document in the portal : From **01.09.2025** at 11.00 hours to **08.09.2025** upto 17.00 hours
6. Last date / Time for receipt of bids in the portal : **08.09.2025** upto 17.00 hours
7. Date of opening of Tender : **09.09.2025** at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer
Koraput (R&B) Division
OIPR-34096/11/0030/2526

**Government of Odisha**
**Department of Social Security & Empowerment of Persons with Disabilities**
No.SSEPD-DA5-DA-0001-2025-9807/SSEPD Dt.26.08.2025
**NOTICE INVITING TENDER**

**No.gg-23** : SSEPD Dept. invites tender for selection of agency for supply of readymade Aids/ Appliances under Bhimabhoi Bhinnakhyama Samarthya Abhiyan (BBSA) Scheme as per the following schedule.

Complete set of bidding document is available on e-tender website http:/www.tendersodisha.gov.in from 25.08.2025 up-to 15.09.2025 (05.00 PM). Pre-bid meeting will be held on 04.09.2025 (3:30PM). The last date of submission bid is 15.09.2025 (05.00 PM). Interested Agencies/Firms may visit above website for details on the tender process and schedule of requirements.

The SSEPD Department reserves all rights to accept or reject all or any of the bids at any stage without assigning any reason thereof.

**N.B:-** All subsequent addendums / corrigendum to the tender shall be hosted in the Government of Odisha e-tender portal www.tendersodisha.gov.in

Sd./- Director
SSEPD Department
OIPR-46001/11/0066/2526

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdossclt d456@gmail.com
NIT No. - OSSC/Mktg (Hort) - 47/2025
**e-Tender Call Notice for Procurement of Certified Seed Potato for Rabi-2025-26**

**No.CAD-1621** : OSSC Ltd. invites Short e-Tender only from registered potato producers (and in case of GOI PSUs, their authorized Agencies) on item wise rate contract basis **for Procurement of Certified Seed Potato for Rabi-2025-26** in double cover system through online mode only for the work below.

| | |
|---|---|
| Name of the work | Purchase of Certified Seed Potato for Rabi-2025-26 |
| No. of work | One |
| Availability of bid documents in portal | 15.00 hours on dt.01.09.2025 to 17.00 hrs of dt.22.09.2025 |
| Last date of receipt of tender in portal | 17.00 hrs of dt.22.09.2025 |
| Date and time opening of Bid | 10.30 hrs of dt.23.09.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

Sd./- Managing Director
OSSC Ltd.
OIPR-01045/11/0096/2526

CAD-1613
**Office of the District Manager, Odisha State Civil Supplies Corporation Ltd.(OSCSC), Sundargarh (District)**
Phone: 94382-00060; District Website:- https://sundargarh.odisha.gov.in
Tender No. 2642, 2643, 2644, 2645 of Level-II & 2658 of Level-I
Dt. 26.08.2025

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of wheat from FSD/FCI to RRCs and Level-II Transport Contractors for transportation of food grains under PDS from RRCs to FPS points in Sundargarh district for the biennial 2025-27. |
| 2 | Availability of bid document in the portal | **From 30.08.2025** |
| 3 | Pre-Bid conference of tenderers | **Dt.02.09.2025 at 11.00 AM** |
| 4 | Last Date/Time for receipt of bids in the portal | **Dt.16.09.2025 upto 5.30 (PM)** |
| 5 | Date/Time of opening of Technical Bid | **Level-I & Level-II Transport Contractors- 17.09.2025 at 11.00 AM Place: Office Chamber of ADM (General), Sundargarh** |
| 6 | Date of submission of original documents in support of scanned copies uploaded in the portal for verification | **Level-I & Level-II Transport Contractors- 17.09.2025 at 11.00 AM** |
| 7 | Name and address of the Officer inviting Tender | **District Manager, OSCSC Ltd., Sundargarh** |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ Corrigendum/ Cancellation/ Re-tenders etc. if any shall be published only in above websites.

Sd./- District Manager,
OSCSC Ltd., Sundargarh
OIPR-07017/11/0009/2526

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdossclt d456@gmail.com
NIT No. - OSSC/Mktg (Hort) - 46/2025
**e-Tender Call Notice for Procurement of Certified Coriander Seeds for Rabi-2025-26**

**No.CAD-1625** : OSSC Ltd. invites Short e-Tender only from registered Coriander seed producers (and in case of GOI PSUs, their authorized Agencies) on item wise rate contract basis **for Procurement of Certified Coriander Seeds for Rabi-2025-26** in double cover system through online mode only for the work below.

| | |
|---|---|
| Name of the work | Purchase of Certified Coriander Seeds for Rabi-2025-26 |
| No. of work | One |
| Availability of bid documents in portal | 15.00 hours on dt.01.09.2025 to 17.00 hrs of dt.22.09.2025 |
| Last date of receipt of tender in portal | 17.00 hrs of dt.22.09.2025 |
| Date and time opening of Bid | 10.30 hrs of dt.23.09.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

Sd./- Managing Director
OSSC Ltd.
OIPR-01045/11/0092/2526

# ବାଘଛାଲ ଜବତ, ୭ ଗିରଫ

## ଅବସରପ୍ରାପ୍ତ ଏଏସ୍ଆଇଙ୍କ ସମ୍ପୃକ୍ତି

ଭଞ୍ଜନଗର,୩୧।୮(ବାବୁଲା ପ୍ରଧାନ)


ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ, ଗିରଫ ଅଭିଯୁକ୍ତ ଓ ଅନ୍ୟମାନେ।

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀ ରବିବାର ସକାଳେ ଏକ କଲରାପତରିଆ ବାଘଛାଲ ଜବତ କରିଛନ୍ତି। ଏହି ମାମଲାରେ ଜଣେ ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ, ଜଣେ ବାବାଜିଙ୍କ ସମେତ ୭ ଜଣଙ୍କୁ ବନବିଭାଗ ଗିରଫ କରିଛି। ଆଉ ଜଣେ ଫେରାର ବ୍ୟକ୍ତିଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି। ଗିରଫ ୭ ବ୍ୟକ୍ତି ହେଲେ ଗଜପତି ଜିଲା ରାମଗିରି ଥାନା ବେଡିଙ୍ଗି ଗ୍ରାମର ଅବସରପ୍ରାପ୍ତ ଏଏସ୍ଆଇ କାଳି ଚରଣ ଜାନୀ, ରାମଗିରି ଥାନା ଆଡମଙ୍ଗି ଗ୍ରାମର ବିପିନ ଚରଣ ପ୍ରଧାନ, ବେଲଗୁଣ୍ଠା ଥାନା ଗୁଣ୍ଡୁରିବାଡି ଗ୍ରାମର ସୁରେନ୍ଦ୍ର ପ୍ରଧାନ ଓ ତାଙ୍କ ପୁଅ ଲକ୍ଷ୍ମଣ ପ୍ରଧାନ, ବେଲଗୁଣ୍ଠା ଥାନା ପଣ୍ଡିଖାଡି ଗ୍ରାମର ସୁଶାନ୍ତ ଡାକୁଆ, ମୋହନା ଥାନା ଗୋଛାଗଡା ଗ୍ରାମର କ୍ଷେତ୍ରୀୟ ମଲ୍ଲିକ ଓ ପୁରୁଷୋତ୍ତମପୁର ଥାନା ସୋମା ଗ୍ରାମର ତ୍ରିନାଥ ବିଶ୍ୱାଳ। ଏମାନଙ୍କଠାରୁ ଗୋଟିଏ କାତି, ଦୁଇଟି ଭୁଜାଲି, ୫ଟି ମୋବାଇଲ ଫୋନ, ବାଘଛାଲ ଓ ପୂଜାରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

ଖବରରୁ ଜଣାପଡିଛି, ଗଜପତି ଜିଲାର ୩ ଜଣ ଏବଂ ପୁରୁଷୋତ୍ତମପୁରର ଜଣେ ବ୍ୟକ୍ତି ମିଶି ଏକ ବାଘଛାଲ ଧରି ଭଞ୍ଜନଗର ଅଭିମୁଖେ ଆସି ଶନିବାର ବାବାଜି ସୁରେନ୍ଦ୍ର ପ୍ରଧାନଙ୍କୁ ଦେଇଥିଲେ। ଏହାକୁ ନେଇ ବାବାଜି ଅନ୍ୟମାନଙ୍କ ସହାୟତାରେ ରବିବାର ସକାଳେ ପୂଜା କରିଥିଲେ। ବାଘଛାଲକୁ ପୂଜା କଲେ ଧନ ବଢିବ ବୋଲି ସେମାନଙ୍କ ବିଶ୍ୱାସ ଥିଲା। ପୂଜା ପରେ ବାଘଛାଲକୁ ବିକ୍ରି କରିବା ଯୋଜନା ଥିଲା। ତେବେ ଏହା ପୂର୍ବରୁ ଡିଏଫ୍‌ଓ ମହାନ୍ତି ଖବର ପାଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଯୋଜନା କରିଥିଲେ। ତୁରନ୍ତ ୫ ଟିମ୍ ଗଠନ କରାଯାଇଥିଲା। ପରେ କର୍ମଚାରୀମାନେ ବ୍ୟବସାୟୀ, ଚାଷୀ ବେଶରେ ଯାଇ ପ୍ରଥମେ ବାବାଜିଙ୍କ ଘରେ ରବିବାର ସକାଳ ୮ଟାରେ ଚଢାଉ କରି ବାଘଛାଲ ଜବତ କରିଥିଲେ। ସେଠାରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ସୂଚନା ପାଇ ଭଞ୍ଜନଗର ରାଜ ପ୍ୟାଲେସରେ ଥିବା ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଆଉ ଜଣେ ବ୍ୟକ୍ତି ଖସି ଯାଇଛନ୍ତି। ଏସିଏଫ୍ ବିବେକ ଦାସ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ରେଞ୍ଜର ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତାରାଣୀ ପଣ୍ଡା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ବନପାଳ ଅନୁପ ବିଷୋୟୀ, ଜୀବନ ତ୍ରିପାଠୀ, ବବୁଲ ସେଠୀ ଚଢାଉର ନେତୃତ୍ୱ ନେଇଥିଲେ। ଜବତ ବାଘଛାଲଟି ମାସେ ତଳର। ବାଘଟିର ଗଜପତି ଜିଲା ମୋହନା ରେଞ୍ଜରେ ବାର୍ହା ଶିକାର ପାଇଁ ବିଛାଯାଇଥିବା ଜାଲରେ ପଡି ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତମାନେ ଛାଲଟିକୁ ଶୁଖାଇ କିଛିଦିନ ନିଜ ପାଖରେ ରଖିବା ପରେ ବିକ୍ରି ଉଦ୍ଦେଶ୍ୟରେ ଶନିବାର ପୂଜା କରିବାକୁ ଭଞ୍ଜନଗର ଆଣି ପ୍ରଧାନଙ୍କୁ ଦେଇଥିଲେ। ପୂଜା ପରେ ସେମାନେ ଏହାକୁ ବିକ୍ରି କରିଥାନ୍ତେ। ତେବେ ଏହା ପୂର୍ବରୁ ସେମାନେ ଧରାପଡିଯାଇଥିଲେ। ବିଭାଗ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି।

# ସାନଭାଇର ଠେଙ୍ଗାମାଡ଼ରେ ବଡ଼ଭାଇ ମୃତ

## ସଲପ ଗଛକୁ କେନ୍ଦ୍ରକରି ହତ୍ୟାକାଣ୍ଡ

ନନ୍ଦପୁର/ପାଡୁଆ,୩୧।୮
(ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆ ଥାନା ଅଧୀନ କସନ୍ଦି ପଞ୍ଚାୟତର ରୁଢିଗୁଆ ଗ୍ରାମରେ ସାନଭାଇର ଠେଙ୍ଗାମାଡ଼ରେ ବଡ଼ ଭାଇଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଜୟରାମ ପାଙ୍ଗୀ(୩୮)। ଏ ନେଇ ଜୟରାମଙ୍କ ସ୍ତ୍ରୀ ମଣି ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ, ଅଗଷ୍ଟ ୨୨ରେ ନିଜ ବାଡ଼ରେ ଥିବା ସଲପଗଛକୁ କେନ୍ଦ୍ରକରି ଜୟରାମ ଓ ତାଙ୍କ ସାନ ଭାଇ ରାମ ପାଙ୍ଗୀ(୩୫)ଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ରାମ ଜୟରାମଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଜୟରାମ କ୍ଷତାକ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ସକାଳୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ତ୍ରୀ ଓ ସାନ ଭାଇ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଚିକିତ୍ସା ପାଇଁ ନେଇଥିଲେ। ମୁଣ୍ଡରେ ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ବିଶାଖାପାଟଣା ରେଫର କରିଥିଲେ। ପରିବାର ଲୋକେ ଜୟରାମଙ୍କୁ ପ୍ରସ୍ତୁତି ପାଇଁ ଘରକୁ ଫେରାଇ ଆଣିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜୟରାମଙ୍କ ସ୍ତ୍ରୀ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ କେସ୍ ନଂ. ୧୦୦/୨୫ରେ ମାମଲା ରୁଜୁ କରାଯାଇଛି। ପାଡୁଆ ଥାନାଧିକାରୀ ଅଶୋକ କୁମାର ବିଷୋୟୀ, ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା, ଏସ୍ଆଇ ହୃଷୀକେଶ ବେହିଆ, ଏସ୍ଆଇ ଟୁନା ଶବର ଓ ସୁରେନ୍ଦ୍ର ସେଠୀ ପ୍ରମୁଖ ରବିବାର ଅପରାହ୍ନରେ ରୁଢିଗୁଆ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ରଖାଯାଇଛି। ରାମଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସୋମବାର ଜିଲା ପୋଲିସର ବୈଷୟିକ ଟିମ୍ ଗାଁରେ ତଦନ୍ତ କରିବା ସୂଚନା ମିଳିଛି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିବେ ବୋଲି ଥାନାଧିକାରୀ ବିଷୋୟୀ ସୂଚନା ଦେଇଛନ୍ତି।

# ପୂର୍ବତନ ନିର୍ବାହୀ ଅଧିକାରୀ ନିଲମ୍ବିତ

## ବେଲପାହାଡ଼ ପୌର ପରିଷଦରେ ଆର୍ଥିକ ଅନିୟମିତତା ଘଟଣା

ବେଲପାହାଡ଼, ୩୧।୮(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣାରେ ପୂର୍ବତନ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ନିଲମ୍ବିତ ହୋଇଛନ୍ତି। ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ନିଲମ୍ବନ ବଳବତ୍ତର ଥିବା ପର୍ଯ୍ୟନ୍ତ ମଧୁସ୍ମିତା ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ। ସେ ମୟୂରଭଞ୍ଜ ଜିଲାପାଳଙ୍କ ବିନା ଅନୁମତିରେ ଜିଲା ମୁଖ୍ୟାଳୟ ଛାଡ଼ି ଯାଇପାରିବେନାହିଁ। ମଧୁସ୍ମିତା ଏବେ ମୟୂରଭଞ୍ଜ ଜିଲା ଜାମଦା ତହସିଲଦାର ଭାବେ କାର୍ଯ୍ୟରତ ଅଛନ୍ତି।

# ସ୍ତ୍ରୀଙ୍କୁ ହାଣିଦେଲେ ସ୍ୱାମୀ

ନୂଆପଡ଼ା,୩୧।୮ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ଖୁଟମନ ଭେରା ଗାଁ କେନାଲପଡ଼ାରେ ରବିବାର ଅପରାହ୍ନରେ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ଦେଇଛନ୍ତି ସ୍ୱାମୀ। ମୃତକ ହେଲେ ତିରିତ କମାର (୪୦)। ପୋଲିସ ଅଭିଯୁକ୍ତ ସ୍ୱାମୀ ସନ୍ତୋଷ କମାର (୪୪)ଙ୍କୁ ଗିରଫ କରିଛି। ସନ୍ତୋଷ ଅପରାହ୍ନ ୫ଟାରେ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରିଥିଲେ। ସେହି ସମୟରେ ସ୍ତ୍ରୀଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ସନ୍ତୋଷ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ତ୍ରୀଙ୍କୁ ପ୍ରହାର କରିଥିଲେ। ବେକରେ ଟାଙ୍ଗିଆ ଚୋଟ ବାଜିବାରୁ ଘଟଣାସ୍ଥଳରେ ହିଁ ତିରିତଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ସନ୍ତୋଷ ଫେରାର୍ ହୋଇଯାଉଥିବା ସମୟରେ ଗ୍ରାମବାସୀ ଧରି ଋଶିରେ ବାନ୍ଧି ରଖିଥିଲେ। ଧରମବନ୍ଧା ଥାନା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଟାଙ୍ଗିଆ ଜବତ କରିଥିଲା। ସନ୍ତୋଷଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ସୋମବାର ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଟଙ୍କଗିରି ଭୋଇ ସୂଚନା ଦେଇଛନ୍ତି।

# ୬୧ ଗ୍ରାମ୍ ବ୍ରାଉନସୁଗାର ଜବତ

ବାରିପଦା,୩୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ଦାରଗାଡାସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରବିବାର ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୬୧ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ବେପାରୀ ହେଲେ ତକତପୁର ଭିଆର୍‌ପି କଲୋନୀର ଶମ୍ଭୁ ମୁଖି(୩୫)। ବିଭାଗ ପକ୍ଷରୁ ଏକ ମାମଲା (ନଂ. ୬୦/୨୫) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ମାଲକାନଗିରି, ୩୧।୮
(ଦୁର୍ଯ୍ୟୋଧନ ପାତ୍ର)



ପୋଲିସ ଦ୍ୱାରା ଜବତ ହୋଇଥିବା ଗଞ୍ଜେଇ ।

ମାଲକାନଗିରି ଜିଲା ଆଦର୍ଶ ଥାନା ପୋଲିସ ୧ କୁଇଣ୍ଟାଲ ଗଞ୍ଜେଇ ଜବତକରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ରବିବାର ଗିରଫ କରିଛି। ଶନିବାର ସନ୍ଧ୍ୟାରେ ସଦର ମହକୁମାଠାରୁ ୬ କି.ମି.ଦୂର ଚମ୍ପାଖାରୀ ପୋଲିସ ଚେକ୍ ପୋଷ୍ଟ ନିକଟରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ କାର୍ ଦ୍ରୁତଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୪ଟି ବସ୍ତାରେ ୧୦୦ କେଜି ଗଞ୍ଜେଇ ଥିବା ଦେଖି ଥିଲା। ସେଥିରେ ଥିବା ୩ ଜଣଙ୍କୁ ଗିରଫ କରିଥିଲା। ଗିରଫମାନେ ହେଲେ ଛତିଶଗଡ଼ ଦୁର୍ଗ ଥାନା ଅନ୍ତର୍ଗତ ଉର୍ଲା ଗ୍ରାମର ସୁଦର୍ଶନ ଯାଦବ, ବିହାର ଚୌସା ଥାନା ଅନ୍ତର୍ଗତ ଜାସୁଲଦେରା ଗ୍ରାମର ଭୋଲା ରାଜବର ଓ ଛତିଶଗଡ଼ ସୁକ୍‌ମା ଜିଲା କୁମାରସ ଗ୍ରାମର ଗୋଲକ ବିଶ୍ୱାସ। ଏମାନଙ୍କ ନିକଟରୁ ଗୋଟିଏ କାର୍, ୭ ହଜାର ଟଙ୍କା ଜବତ ହୋଇଛି। ଏହି ଗଞ୍ଜେଇ ଏମ୍‌ଭି ୫୦ ଗ୍ରାମରୁ ଛତିଶଗଡ଼ ଦୁର୍ଗକୁ ଚୋରାଚାଲାଣ ହେଉଥିବା ଜଣାପଡ଼ିଛି। ରବିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

Business

# ସହରାଞ୍ଚଳରେ ଘର କିଣିବା ମଧ୍ୟବିତ୍ତଙ୍କ ପାଇଁ ସହଜ ନୁହେଁ

ଭୁବନେଶ୍ୱର,୩୧।୮



ମଧ୍ୟବିତ୍ତ ବର୍ଗର ବ୍ୟକ୍ତିମାନେ ବର୍ତ୍ତମାନ ସହରାଞ୍ଚଳରେ ଘରଟିଏ କରିବା ସ୍ୱପ୍ନ ହୋଇଯାଇଛି। ନାଇଟ ଫ୍ରାଙ୍କ ଇଣ୍ଡିଆ ଏବଂ ଏନଏଆରଇଡିସିଓ ର ଏକ ରିପୋର୍ଟ ଅନୁସାରେ, ୨୦୨୫ର ପ୍ରଥମ ଷାଣ୍ମାସିକରେ କମମ ମୂଲ୍ୟଯୁକ୍ତ ଘରଗୁଡ଼ିକର ବିକ୍ରି ତୁଳନାରେ ନୂଆ ଘର ଲଞ୍ଚ ସଂଖ୍ୟା ମାତ୍ର ଏକ ତୃତୀୟାଂଶ ରହିଛି। ଏହା ରିୟଲ ଏଷ୍ଟେଟ ବଜାରରେ ଆସୁଥିବା ଏକ ବଡ଼ ସଙ୍କଟକୁ ସୂଚାଉଛି। ରିପୋର୍ଟ ମୁତାବକ, ବଜାରରେ ବିକ୍ରି ହେଉଥିବା ପ୍ରତି ତିନୋଟି କମ୍ ମୂଲ୍ୟଯୁକ୍ତ ଘର ପାଇଁ ନିର୍ମାତାମାନେ ମାତ୍ର ଗୋଟିଏ ନୂଆ ଘର ନିର୍ମାଣ କରୁଛନ୍ତି। ଯୋଗାଣ ଏବଂ ଚାହିଦା ମଧ୍ୟରେ ଏହି ବଢୁଥିବା ଅନ୍ତର ଭବିଷ୍ୟତରେ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଘର କିଣିବା ସ୍ୱପ୍ନ ସାକାର ହେବାକୁ ଦେବ ନାହିଁ। ରିପୋର୍ଟ ଅନୁସାରେ, ୨୦୧୮ ମସିହାରେ ମୋଟ ଲଞ୍ଚ ହୋଇଥିବା ଘରଗୁଡ଼ିକରେ କମ୍ ମୂଲ୍ୟଯୁକ୍ତ ବର୍ଗର ଅଂଶ ୫୨.୪% ଥିଲା, କିନ୍ତୁ ୨୦୨୫ ମସିହାରେ ଏହା ଚିନ୍ତାଜନକ ଭାବେ ହ୍ରାସ ପାଇ ୧୭.୧% ହୋଇଛି। ରିପୋର୍ଟ ଅନୁସାରେ, ଏହି ବଡ଼ ହ୍ରାସର ମୁଖ୍ୟ କାରଣ ହେଉଛି ଜମିର ମୂଲ୍ୟ ବୃଦ୍ଧି, ନିର୍ମାଣ ଖରଚରେ ବୃଦ୍ଧି ଏବଂ କମ ଲାଭ। ଏହି କାରଣରୁ ନିର୍ମାତାମାନେ ଏହି ବର୍ଗରୁ ମୁହଁ ଫେରାଇ ନେଇଛନ୍ତି। ଲଞ୍ଚ-ଟୁ-ସେଲ୍ସ ଅନୁପାତ ୨୦୨୦ ମସିହାରେ ୧.୨୦ ଥିଲା, ଯାହା ୨୦୨୫ରେ ୦.୩୬କୁ ହ୍ରାସ ପାଇଛି। ଅର୍ଥାତ୍ ୨୦୨୦ ମସିହାରେ ପ୍ରତି ବିକ୍ରି ହେଉଥିବା ଘର ପାଇଁ ୧.୨ ନୂଆ ଘର ଲଞ୍ଚ ହେଉଥିଲା, କିନ୍ତୁ ଏବେ ମାତ୍ର ୦.୩୬ ରହିଛି। ଏହା ସ୍ପଷ୍ଟ ସଙ୍କେତ ଦେଉଛି ଯେ ନିର୍ମାତାମାନେ ନୂଆ କମ୍ ମୂଲ୍ୟଯୁକ୍ତ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଇଚ୍ଛୁକ ନାହାନ୍ତି, ଯାହା ଫଳରେ ବଜାରରେ ଉପଲବ୍ଧ ଘରଗୁଡ଼ିକର ଷ୍ଟକ ଦ୍ରୁତ ଗତିରେ ହ୍ରାସ ପାଉଛି। ଏହି ସଙ୍କଟ ଦେଶର ଘର କିଣୁଥିବା ଲୋକଙ୍କ ଉପରେ ଦୁଇଗୁଣ ମାଡ଼ ପକାଉଛି। ଗୋଟିଏପଟେ ସହରମାନଙ୍କରେ ଘରଗୁଡ଼ିକର ବିକଳ୍ପ ଦ୍ରୁତ ଗତିରେ ହ୍ରାସ ପାଉଛି, ଅନ୍ୟପଟେ ଲୋକଙ୍କର କିଣିବା କ୍ଷମତା ମଧ୍ୟ କମୁଛି। ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ପରିବାରମାନଙ୍କ ପାଇଁ ଘରର ଇଏମଆଇ ଏବଂ ଆୟର ଅନୁପାତ ୨୦୨୦ରେ ୪୩% ଥିଲା, ଯାହା ଏବେ ବଢ଼ି ୬୦% ହୋଇଛି, ଯାହା ଆର୍ଥିକ ଚାପକୁ ସୂଚାଉଛି। ୨୦୨୫ର ପ୍ରଥମ ୬ମାସର ତଥ୍ୟ ଅନୁସାରେ ବଜାରରେ ବିକ୍ରି ହେଉଥିବା ପ୍ରତି ୧୦୦ ସସ୍ତା ଘର ପାଇଁ ଡେଭେଲପରମାନେ ମାତ୍ର ୩୬ଟି ନୂଆ ଘର ନିର୍ମାଣ କରୁଛନ୍ତି, ଯାହା ଯୋଗାଣର ଗମ୍ଭୀର ସଙ୍କଟ ସୃଷ୍ଟି କରୁଛି। ଯୋଗାଣ କମିବା ଏବଂ ଚାହିଦା ବଜାୟ ରହିବା ଫଳରେ ଭବିଷ୍ୟତରେ ଆବାସିକ ଘରଗୁଡ଼ିକର ମୂଲ୍ୟରେ ତୀବ୍ର ବୃଦ୍ଧି ହେବାର ଆଶଙ୍କା ରହିଛି, ଯାହା ଘର କିଣିବାକୁ ଆହୁରି ମହଙ୍ଗା କରିଦେବ। ଭାରତର ସହରାଞ୍ଚଳରେ ବର୍ତ୍ତମାନ ୯୪ ଲକ୍ଷ ଆବାସ ଇଉନିଟର ଅଭାବ ରହିଛି।

# ଅନୁଗୋଳରେ ଖୋଲିଲା ଖିମ୍‌ଜୀ ଜୁଏଲର୍ସ



ଅନୁଗୋଳ,୩୧।୮(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଶଙ୍କର ସିନେମା ରୋଡ୍‌ଠାରେ ରବିବାର ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ରାଜ୍ୟର ୧୦ମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୬୦୦୦ ବର୍ଗ ଫୁଟର ଏହି ଶୋ'ରୁମ୍ ସହର ମଧ୍ୟରେ ସର୍ବ ବୃହତ୍ତମ ଗହଣା ଦୋକାନ ଭାବେ ଖିମ୍‌ଜୀ ଏହାକୁ ଉଦ୍‌ଘାଟନକରି ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୁନା, ହୀରା, ପ୍ଲାଟିନମ ଏବଂ ରୁପା ଅଳଙ୍କାର ସହ ଫ୍ୟାଶନ ଜୁଏଲେରି ଏବଂ କର୍ପୋରେଟ୍ ଉପହାର ଉପଲବ୍ଧ ହେବ। ପ୍ରଥମ ଦିନରେ ଗ୍ରାହକମାନେ ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୁପା ଏବଂ ଫ୍ୟାଶନ ଜୁଏଲେରି ଏମ୍‌ଆର୍‌ପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ। ସୂଚନା ଥାଉ କି ଖିମ୍‌ଜୀର ଭୁବନେଶ୍ୱରରେ ୪ଟି, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଏବଂ ଅନୁଗୋଳରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଛି। ଯାଜପୁରରେ ଖୁବ୍‌ଶୀଘ୍ର ଆଉ ଏକ ଷ୍ଟୋର ଖୋଲାଯିବ ବୋଲି ସୂଚନା ରହିଛି। ଏହିଅବସରରେ ମିତେଶ ଖିମଜୀ କହିଛନ୍ତି, ଅନୁଗୋଳରେ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାର ହାଉସ ହୋଇରହିଛି ।

# ତନିସ୍କର ହୀରା ପ୍ରଦର୍ଶନୀ

ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)



ଦେଶର ଅନ୍ୟତମ ଅଗ୍ରଣୀ ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ପ୍ରାକୃତିକ ହୀରାର ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୩୫ଟି ଏକ୍ସକ୍ଲୁସିଭ୍ ଡିଜାଇନର ହୀରା ଗହଣା ପ୍ରଦର୍ଶିତ ହୋଇଥିଲା। ଏହାସହ ପ୍ରାକୃତିକ ହୀରାମାନ ଚିହ୍ନଟ କରୁଥିବା ହାଇଟେକ୍ ମେଶିନ ଲାଇଟ୍ ସ୍କୋପ୍ ଓ ସିଙ୍କ ଡିଟେକ୍ଟର ପ୍ରଦର୍ଶିତ ହୋଇଥିଲା। ତନିସ୍କର ୪ ଉତ୍କୃଷ୍ଟ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍', 'ଇଲାନ୍', 'ଅନବାଉଣ୍ଡ' ଓ 'ଏନ୍‌ଚାଣ୍ଟେଡ୍ ଟ୍ରେଲସ୍' ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପରମାଣିକ କହିଛନ୍ତି, ଏହି ପ୍ରଦର୍ଶନୀ ମାଧ୍ୟମରେ ଭୁବନେଶ୍ୱରରେ ନୂଆ ପ୍ରାକୃତିକ ହୀରା ଗହଣାର ସମ୍ଭାର ଆସି ପହଞ୍ଚିଛି। ଏହା ଗ୍ରାହକଙ୍କୁ ଭରସାଯୋଗ୍ୟ ଉତ୍ସରୁ ସଂଗୃହୀତ ପ୍ରାକୃତିକ ହୀରା ଚୟନ କରିବାରେ ସାହାଯ୍ୟ କରୁଛି। ତନିସ୍କର ବିଜ୍‌ନେସ୍ ଆସୋସିଏଟ୍ ଯୋଗେନ୍ଦ୍ର ହଂସ୍ କହିଛନ୍ତି, ତନିସ୍କ ଟାଟା ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ଭାରତର ବହୁ ପସନ୍ଦଯୋଗ୍ୟ ଗହଣା ବ୍ରାଣ୍ଡ। ଆକର୍ଷଣୀୟ କାରିଗରି, ସ୍ୱତନ୍ତ୍ର ଡିଜାଇନ, ଉତ୍ତମ ଗୁଣବତ୍ତାଯୁକ୍ତ ଉତ୍ପାଦ ସହ ଏହା ୨୫ ବର୍ଷ ଧରି ଗ୍ରାହକଙ୍କ ସେବା କରିଆସୁଛି। କ୍ୟାରେଟ ମିଟରରେ ସୁନାର ଶୁଦ୍ଧତା ମାପିବାରେ ତନିସ୍କ ପ୍ରଥମ ହୋଇଥିବାବେଳେ ବର୍ତ୍ତମାନ ହୀରାର ଗୁଣବତ୍ତା ନିର୍ଣ୍ଣୟ ପାଇଁ ଡାଇମଣ୍ଡ ମିଟର ବ୍ୟବହାର ଆରମ୍ଭ କରିବାକୁ ଯାଉଛି। ତନିସ୍କର ଏରିଆ ବିଜ୍‌ନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କହିଛନ୍ତି, ହୀରା ଏପରି ଏକ ରତ୍ନ ଯାହାକି ଡାଇନୋସରର ଜନ୍ମ ପୂର୍ବରୁ ପୃଥିବୀ ପୃଷ୍ଠରେ ଉପଲବ୍ଧ। ପ୍ରାକୃତିକ ହୀରା ଭୂଗର୍ଭରେ ପ୍ରଚୁର ଚାପ ମଧ୍ୟରେ ପ୍ରସ୍ତୁତ ହୋଇଥାଏ। ଆଇଫେଲ୍ ଟାୱାରକୁ ଓଲଟାଇବାକୁ ଯେତିକି ଚାପ ଆବଶ୍ୟକ ସେତିକି ଚାପ ଦ୍ୱାରା ହୀରା ପ୍ରସ୍ତୁତ ହୋଇଥାଏ। ହୀରା ଅତ୍ୟନ୍ତ ଦୁର୍ଲଭ ପଦାର୍ଥ। ବର୍ତ୍ତମାନ ସୁଦ୍ଧା ଯେତିକି ହୀରା ଖନନ ହୋଇଛି ତାହା କେବଳ ଏକ ଡବଲ ଡେକର ବସ୍‌ରେ ରଖାଯାଇପାରିବ। ୧୯୭୨ରେ ଭୂବିଜ୍ଞାନୀଙ୍କୁ ହୀରାଖଣିରେ ପହଞ୍ଚାଇବାରେ ଉଇ ସାହାଯ୍ୟ କରିଥିବା କୌଶିକ କହିଛନ୍ତି। ଭାଓଲିନ୍ ବ୍ରଦର୍ସଙ୍କ ପ୍ରଦର୍ଶନ ଏବଂ ର୍ୟାମ୍ପ ୱାକ୍ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା।

# ଅକ୍ଟୋବର ୩୧ ପୂର୍ବରୁ ଆଇଟିଆର ଦାଖଲ

ଭୁବନେଶ୍ୱର,୩୧।୮

ଆୟକର ବିଭାଗ ଚଳିତ ବର୍ଷ ଆୟକର ରିଟର୍ଣ୍ଣ ଦାଖଲ କରିବାର ଅନ୍ତିମ ତାରିଖକୁ ୩୦ ଜୁଲାଇରୁ ବୃଦ୍ଧି କରି ୧୫ ସେପ୍ଟେମ୍ବର କରିଛି। ଏହା ଦ୍ୱାରା କରଦାତାମାନଙ୍କୁ ନିଜର ଆୟକର ରିଟର୍ଣ୍ଣ ଦାଖଲ କରିବା ପାଇଁ ଅତିରିକ୍ତ ୪୬ ଦିନ ସମୟ ମିଳିଛି। ଏହି ସମୟ ସେହି କରଦାତାମାନଙ୍କୁ ମିଳିଛି, ଯାହାଙ୍କ ଖାତାର ଅଡ଼ିଟ କରାଇବା ଆବଶ୍ୟକ ନୁହେଁ। ଯେଉଁ କରଦାତାମାନଙ୍କ ଖାତାର ଅଡ଼ିଟ ଆବଶ୍ୟକ, ସେମାନଙ୍କୁ ୩୧ ଅକ୍ଟୋବର ୨୦୨୫ ପୂର୍ବରୁ ନିଜର ଆୟକର ରିଟର୍ଣ୍ଣ ଦାଖଲ କରିବାକୁ ହେବ।

# ପାୱାର ଗ୍ରୀଡ୍‌କୁ ସ୍କୋପ୍ ଏମିନେନ୍ସ ଆୱାର୍ଡ

ଭୁବନେଶ୍ୱର,୩୧।୮



ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ (ସିପିଏସ୍‌ୟୁ) ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାର ଗ୍ରୀଡ୍) ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ସ୍କୋପ୍ ଏମିନେନ୍ସ ଆୱାର୍ଡ ହାସଲ କରିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ ପାୱାର ଗ୍ରୀଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ତ୍ୟାଗୀ ଏବଂ ନିର୍ଦ୍ଦେଶକ (ପର୍ସୋନେଲ) ଡ. ଯତୀନ୍ଦ୍ର ଦ୍ୱିବେଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ଅର୍ଥ ମନ୍ତ୍ରଣାଳୟର ଡିପିଇ ସଚିବ କେ. ମୋସେସ ଚାଲାଇ ଉପସ୍ଥିତ ଥିଲେ। ଏହାସହ ସିପିଏସ୍‌ୟୁ, ସ୍କୋପ୍ ଏବଂ ପାୱାର ଗ୍ରୀଡ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାୱାର ଗ୍ରୀଡ୍‌ର ଉନ୍ନତ ମାନବ ସମ୍ବଳ ଅଭ୍ୟାସକୁ ସମ୍ମାନିତ କରିଛି, ଯାହା କର୍ମଚାରୀ କେନ୍ଦ୍ରିତ ନୀତି, ନିରନ୍ତର ଦକ୍ଷତା ବିକାଶ, ନେତୃତ୍ୱ ବିକାଶ ଏବଂ ସଂସ୍ଥା ଭିତରେ ନୂତନତ୍ୱ, ସମାବେଶୀକରଣ ଏବଂ ସାମଗ୍ରିକ କଲ୍ୟାଣର ସଂସ୍କୃତିକୁ ପ୍ରୋତ୍ସାହନ ଦେଇଥାଏ। ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ପାୱାର ଗ୍ରୀଡ୍ ୨୮୬ଟି ସବ୍‌ଷ୍ଟେଶନ ଏବଂ ୧,୮୦,୮୪୯ କି.ମି.ରୁ ଅଧିକ ଟ୍ରାନ୍ସମିସନ ଲାଇନ ନିର୍ମାଣ ଓ ପରିଚାଳନା କରୁଛି। ଏହାସହ ୫,୭୪,୩୩୧ ଏମ୍‌ଭିଏ ଟ୍ରାନ୍ସଫର୍ମେସନ କ୍ଷମତା ମଧ୍ୟ ରହିଛି। ନୂତନ ପ୍ରଯୁକ୍ତି, ସ୍ୱୟଂଚାଳନ ଏବଂ ଡିଜିଟାଲ ସମାଧାନର ବ୍ୟବହାର ମାଧ୍ୟମରେ ପାୱାର ଗ୍ରୀଡ୍ ୯୯.୮୫%ରୁ ଅଧିକ ଟ୍ରାନ୍ସମିସନ ସିଷ୍ଟମ ଉପଲବ୍ଧତା ବଜାୟ ରଖିଛି।

# କଳିଙ୍ଗରେ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ୩ ଦିନ ଧରି ସାରା ଦେଶରେ ପାଳିତ ହୋଇଯାଇଛି ଜାତୀୟ କ୍ରୀଡ଼ା ଦିବସ। ଏହି ଅବସରରେ ରବିବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଖେଳ ପ୍ରାଧିକରଣ ଏବଂ ଓଡ଼ିଶା ସାଇକେଲିଂ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ସାଇକେଲ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। "ଜାତୀୟ କ୍ରୀଡ଼ା ଦିବସ କେବଳ କ୍ରୀଡ଼ାବିତ୍‌ଙ୍କ ପାଇଁ ନୁହେଁ, ବରଂ ସମସ୍ତ ଜନସାଧାରଣଙ୍କୁ ଏକ ସୁସ୍ଥ ଓ ନିରାମୟ ଜୀବନଚର୍ଯ୍ୟା ଆପଣାଇବା ପାଇଁ ବାର୍ତ୍ତା ପ୍ରଦାନ କରିଥାଏ। ସାଇକେଲ ଶୋଭାଯାତ୍ର ମାଧ୍ୟମରେ ଆମେ ସମସ୍ତଙ୍କୁ ଫିଟ୍ ରହିବା ପାଇଁ ପ୍ରୋତ୍ସାହିତ କରୁଛୁ। ଏକ ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ କେବଳ ଆଜି ନୁହେଁ, ବରଂ ଦୈନିକ ଯୋଗ ଓ ବ୍ୟାୟାମ କରିବା, ସାଇକେଲ ଚଳାଇବା ଆଦି କାର୍ଯ୍ୟକୁ ଆମ ଦୈନନ୍ଦିନ ଜୀବନରେ ସାମିଲ କରିବା ଉଚିତ''ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିରେ ବହୁ ଜନସାଧାରଣ ଭାଗନେଇ ଫିଟ୍‌ନେସ୍ ଓ ଏକତାର ବାର୍ତ୍ତା ସଞ୍ଚାର କରିବା ସହିତ ଏକ ସୁସ୍ଥ ଓ ନିରାମୟ ଜୀବନଶୈଳୀ ଯାପନ କରିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସଭାପତି ମିନତି ମହାପାତ୍ର, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲର ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଚତୁର୍ଥ ରାଉଣ୍ଡରେ ସିନର, ସ୍ୱିଟେକ

## ୟୁଏସ୍ ଓପନରୁ ଜେରେଭ ବିଦା

**ନ୍ୟୁୟର୍କ, ୩୧।୮:** ଡିଫେଣ୍ଡିଂ ଚାମ୍ପିୟନ ତଥା ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଟେକ ଚଳିତ ଟେନିସ ସିଜନର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜେରେଭ ଓ ୧୪ତମ ସିଡ୍ ଟମି ପଲ ପରାଜୟ ସହ ବିଦାୟ ନେଇଛନ୍ତି।

ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସିନର ୫-୭, ୬-୪, ୬-୩, ୬-୩ ସେଟ୍‌ରେ ୨୭ତମ ସିଡ୍ ଡେନିସ ଶାପୋଭାଲୋଭଙ୍କୁ ଓ ୧୫ତମ ସିଡ୍ ଆଣ୍ଡ୍ରେ ରୁବଲେଭ ୨-୬, ୬-୪, ୬-୩, ୪-୬, ୬-୩ ସେଟ୍‌ରେ କୋଲେମାନ ୱଙ୍ଗଙ୍କୁ ହରାଇଛନ୍ତି। ସେହିଭଳି ୨୩ତମ ସିଡ୍ ଆଲେକଜାଣ୍ଡର ବବ୍ଲିକ ୭-୬ (୭/୫), ୬-୭(୪/୭), ୬-୩, ୬-୭(୫/୭), ୬-୧ ସେଟ୍‌ରେ ପଲଙ୍କୁ ଓ ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିଆସିମ ୪-୬, ୭-୬(୯/୭), ୬-୪, ୬-୪ ସେଟ୍‌ରେ ଜେରେଭଙ୍କୁ ପରାସ୍ତ କରିଛନ୍ତି। ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉର ଓ ଲେଆଣ୍ଡ୍ରୋ ରିଏଡି ୱାକଓଭର ପାଇ ଆଗକୁ ବଢ଼ିଛନ୍ତି।

ମହିଳା ସିଙ୍ଗଲ୍ସରେ ସ୍ୱିଟେକ ୭-୬(୭/୨), ୬-୪ ସେଟ୍‌ରେ ଆନା କାଲିନସ୍କାୟାଙ୍କୁ ହରାଇଛନ୍ତି। ତାଙ୍କ ଭଳି ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭା ୬-୪, ୪-୬, ୬-୨ ସେଟ୍‌ରେ ଜ୍ୟାକଲିନ କ୍ରିଷ୍ଟିଆନଙ୍କୁ, ୧୩ତମ ସିଡ୍ ଏକାଟେରିନା ଆଲେକଜାଣ୍ଡ୍ରୋଭା ୬-୦, ୬-୧ ସେଟ୍‌ରେ ଲୌରା ସିଜମୁଣ୍ଡଙ୍କୁ ଓ ୧୮ତମ ସିଡ୍ ବିଆଟ୍ରିଜ ହାଦାଦ ମାଇଆ ୬-୧, ୬-୨ ସେଟ୍‌ରେ ମାରିଆ ସାକାରିଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଇଶା ଗ୍ରାମୋତ୍ସବମ୍: ଦେଉଳି ଚାମ୍ପିୟନ

ଭୁବନେଶ୍ୱର, ୩୧।୮ (ଅନାଦି କର)

ଇଶା ଫାଉଣ୍ଡେସନ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଇଶା ଗ୍ରାମୋତ୍ସବମ୍‌ରେ ଖୋର୍ଦ୍ଧା ଜିଲାର ସିକୋ, ସାରୁଅ ଓ ଦେଉଳି ଗାଁର ମହିଳା ଓ ସରପଞ୍ଚମାନେ ଭାଗ ନେଇଥିଲେ। ୬ ମହିଳା ଦଳକୁ ନେଇ ହୋଇଥିବା ଥ୍ରୋବଲ୍ ପ୍ରତିଯୋଗିତାରେ ଦେଉଳି ଚାମ୍ପିୟନ ହୋଇଥିବା ବେଳେ ସିକୋ ରନରଅପ୍ ଓ ସାରୁଅ ୱାରିଅର୍ସ ଦ୍ୱିତୀୟ ରନରଅପ୍ ହୋଇଥିଲା। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ।

# ନବରଞ୍ଜନ ସଭାପତି, ପ୍ରଫୁଲ୍ଲ ସମ୍ପାଦକ

ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ୍ ପ୍ଲେୟର୍ସ ଫୁଟବଲ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଓ କର୍ମକର୍ତ୍ତା ମନୋନୟନ ରବିବାର ମଦ୍ରାସ ସ୍କୁଲ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଞ୍ଜନ ପଟ୍ଟନାୟକ ସଭାପତି, ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ, ପ୍ରଦୀପ କୁମାର ଦଣ୍ଡପାଟ ଉପସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ, ବିଜୟ କୁମାର ଦାସ, ପ୍ରଶାନ୍ତ କୁମାର ପ୍ରଧାନ ସହସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ମନୋନୀତ ହୋଇଛନ୍ତି। ଏଥିସହ ଆସୋସିଏଶନର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା।

# ରାଜ୍ୟ ଓପନ ଚେସ୍: ସଞ୍ଜୀବନ ଚାମ୍ପିୟନ

ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ଆନୁକୂଲ୍ୟରେ ରବିବାର କେଶୁରାଘାଟ ରୟାଲ ପବ୍ଲିକ୍ ସ୍କୁଲରେ ରାକେଶ କୁମାର ସାହୁ ସ୍ମାରକୀ ଓପନ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ ପୁରା ୫ ପଏଣ୍ଟ ପାଇ ସଞ୍ଜୀବନ ନାୟକ ଚାମ୍ପିୟନ ହୋଇଛନ୍ତି। ଓମ୍ ଆଦିତ୍ୟ ଖାଡ଼ଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ, ସୌମ୍ୟରଞ୍ଜନ ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, ରଜତ୍ ରଞ୍ଜନ ମହାନ୍ତି ଓ ସତ୍ୟଜିତ୍ ପଟ୍ଟନାୟକ ପରବର୍ତ୍ତୀ ୬ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାରାଦୀପସ୍ଥିତ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନର ବିଜନେସ ଡେଭେଲପମେଣ୍ଟ ଅଫିସର ରାଜେଶ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏଥିରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ରାକେଶ କୁମାର ସାହୁଙ୍କ ବାପା ରବୀନ୍ଦ୍ର ସାହୁ ଉପସ୍ଥିତ ଥିଲେ।


**ODISHA POLICE**
**STATE HEADQUARTERS**
**Cuttack**

Odisha Police

**Office of the D.G. & I.G. of Police, Odisha, Cuttack**
Tel. : 0671-2304001, Website : www.odishapolice.gov.in,
Email : dirscrb.odpol@od.gov.in

**No.D-191** : Online Bids through e-Tender Portal https://tendersodisha.gov.in are invited from the eligible bidders of Palm Print Live Scanner with Enrollment Software & Web camera for Odisha Police during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | 05-RFP-Plam Print Live Scanner-2025-26 | For SCRB :- 50 Nos. Total : 50 Nos. |

| Sl. No. | Particulars | Date | Time |
|---|---|---|---|
| 1 | Date & Time of release of bid | 30.08.2025 | 05 PM |
| 2 | Date & Time of Pre Bid meeting Queries to be submitted on Mail ID : dirscrb.odpol@od.gov.in by 06.09.2025 by 05.00 PM | In this connection a pre-proposal meeting will be held in virtual mode based on the request receive from bidder and the link will be sent through mail for the meeting. The pre-bid date is tentatively nature and subjected to postponement which be duly in formed through mail intimated through Mail dirscrb.odpol@od.gov.in Venue_O/o the SCRB, Rasulgarh, Bhubaneswar | |
| 3 | Publication of Corrigendum to RFP (if any) in the website | After complication of Query meeting | |
| 4 | Date & Time of online bid submission | Start Date & Time 08.09.2025 05 PM | End date & Time 18.09.2025 05 PM |
| 5 | Date & Time for online Technical bid opening | 19.09.2025 05 PM | |
| 6 | Date of presentation of solution of e-tender / Technical Bid evaluation | To be informed to the participated bidders | |
| 7 | Date of Price bid opening | To be informed to the qualified bidders | |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./- A.I.G. of Police (Provisioning,)
Odisha, Cuttack
(Tender Calling Authority)

OIPR-12029/11/0100/2526



**ବ୍ରଜରାଜନଗର ପୌର ପରିଷଦ, ବ୍ରଜରାଜନଗର**

No. DSPL - 230: ବ୍ରଜରାଜନଗର ପୌର ପରିଷଦ ସହରାଞ୍ଚଳର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀମାନଙ୍କୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି।
ବ୍ରଜରାଜନଗର ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଏବଂ ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ।
ଆମର ଲକ୍ଷ୍ୟ: ସବୁଜ ସୁନ୍ଦର ତଥା ସ୍ୱଚ୍ଛ ପରିବେଶ, ବ୍ରଜରାଜନଗର

ସ୍ୱା./- ନିର୍ବାହୀ ଅଧିକାରୀ, ବ୍ରଜରାଜନଗର ପୌର ପରିଷଦ
ଶ୍ରୀଯୁକ୍ତ କ୍ରିଷ୍ଣା ଗୋପାଳ ସିତାନୀ, ନଗରପାଳ
ଏବଂ ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ
ବ୍ରଜରାଜନଗର ପୌର ପରିଷଦ

OIPR-13099/13/0065/2526



**OFFICE OF THE SORO MUNICIPALITY, SORO, BALASORE**
Tel. Phone No.: 06788-221262, Email ID: soromunicipality@gmail.com

No. DSPL - 234: ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଅବସରରେ ସୋର ପୌରପାଳିକା ତରଫରୁ ଶିଳ୍ପ, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ମାଟି ସୋର ପୌରପାଳିକାର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡ଼ାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭ କାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତରୋତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସ୍ୱର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ।

କାର୍ଯ୍ୟନିର୍ବାହୀ ଅଧିକାରୀ, ସୋର ପୌରପାଳିକା
ଭାରପ୍ରାପ୍ତ ଅଧ୍ୟକ୍ଷା ଏବଂ ସମସ୍ତ ପାରିଷଦବୃନ୍ଦ, ସୋର ପୌରପାଳିକା

OIPR-13166/13/0012/2526



**ଚୌଦ୍ୱାର ପୌର ପରିଷଦ, ଚୌଦ୍ୱାର**

No. DSPL-231: ଚୌଦ୍ୱାର ପୌରପରିଷଦ ଅଞ୍ଚଳର ଗୋଡ଼ିପାଟଣାସ୍ଥିତ ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ଅବସରରେ ନଗରବାସୀଙ୍କର ସର୍ବଦା ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇବା ସହିତ ନିମ୍ନ ପଦକ୍ଷେପ ନେବା ନିମନ୍ତେ ପୌରବାସୀଙ୍କ ସହଯୋଗ କାମନା କରୁଅଛୁ। ସମସ୍ତ ୱାର୍ଡ଼ର ଜନସାଧାରଣଙ୍କ ସୁବିଧା ଅନୁଯାୟୀ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଆମ୍ଭେ ସଂକଳ୍ପବଦ୍ଧ। ଆସନ୍ତୁ ଆମ୍ଭେ ସମସ୍ତେ ମିଳିମିଶି ଏକ ବିକାଶଶୀଳ ଓ ସମୃଦ୍ଧ ଚୌଦ୍ୱାର ଗଠନ କରିବାରେ ସହାୟକ ହେବା ଏବଂ ଚୌଦ୍ୱାରକୁ ଏକ ସୁନ୍ଦର ଓ ପ୍ରଗତିଶୀଳ ପରିଷଦଭାବେ ଗଢ଼ିତୋଳିବା।

**ନିମ୍ନଲିଖିତ ଯୋଜନା ଗୁଡ଼ିକୁ ଆମ ସହରର ଉନ୍ନତି ପାଇଁ ଆମ୍ଭେ ସେବା ପ୍ରଦାନ କରିଆସୁଅଛୁ**

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି। ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନ ଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପଇଠ କରନ୍ତୁ।
୨. ଚୌଦ୍ୱାର ପୌର ପରିଷଦର ସମସ୍ତ ବକେୟା କର ପୈଠ କରନ୍ତୁ ଓ ସରକାରଙ୍କ ସମସ୍ତ ସୁବିଧାକୁ ଉପଭୋଗ କରନ୍ତୁ।
୩. ଚୌଦ୍ୱାର ପୌର ପରିଷଦର ମୂଲ୍ୟବାନ ସରକାରୀ ଜମି ଗୁଡ଼ିକୁ ବେଆଇନ ଭାବରେ ଜବରଦଖଲ କରନ୍ତୁ ନାହିଁ।
୪. ପୌରାଞ୍ଚଳର ବିଭିନ୍ନ ରାସ୍ତାରେ ନିଜର ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ଏବଂ ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୫. ରାସ୍ତା ଗୁଡ଼ିକ ଉପରେ ନିଜ ନିଜ ଘରର ନିର୍ମାଣ ସାମଗ୍ରୀ ଯଥା: ବାଲି, ଗୋଡ଼ି, ଇଟା, ପଥର, ଚିପ୍ସ ଇତ୍ୟାଦି ଗଦା କରି ରଖନ୍ତୁ ନାହିଁ କିମ୍ବା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ।
୬. ଚୌଦ୍ୱାର ପୌର ପରିଷଦର ବିଭିନ୍ନ ୱାର୍ଡ଼ରେ ଥିବା ସମ୍ପଦ କେନ୍ଦ୍ର (MCC & MRF)କୁ ବିଭିନ୍ନ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛକର୍ମୀଙ୍କ ଜରିଆରେ ନିଜ ଗୃହର (ଓଦା ଓ ଶୁଖିଲା) ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ଦିଅନ୍ତୁ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ଚୌଦ୍ୱାର ଗଠନ କରିବାରେ ସହଯୋଗ କରନ୍ତୁ।
୭. ଚୌଦ୍ୱାର ପୌରପରିଷଦର ୦୩ (ତିନି) ଗୋଟି ଖତ ଉତ୍ପାଦନ କେନ୍ଦ୍ରରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ''ମୋ ଖତ''କୁ ନିଜ ନିଜ ଘରେ ବ୍ୟବହାର କରନ୍ତୁ।

**ଆମ ସଙ୍କଳ୍ପ ଓ ପରିକଳ୍ପନା**

୧. ୱାର୍ଡ଼ ନଂ.୧ରେ ବିରୂପା ନଦୀ କୂଳର ମାଗୁରାଠାରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ୧୦ କୋଟି ଟଙ୍କା ବ୍ୟୟରେ ଏକ ସୁନ୍ଦର ବୋଟିଂ କମ୍ପ୍ଲେକ୍ସ ଓ ସ୍ମାର୍ଟ ପାର୍କ ନିର୍ମାଣ।
୨. ଚୌଦ୍ୱାର ପୌର ପରିଷଦର ୱାର୍ଡ଼ ନଂ. ୦୨ର ଚାଟେଶ୍ୱରଠାରେ ଏକ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ଏକ ଅତ୍ୟାଧୁନିକ ମଡ଼େଲ ଶବଦାହ କେନ୍ଦ୍ର ନିର୍ମାଣ।
୩. ଚୌଦ୍ୱାରର ସମସ୍ତ ୱାର୍ଡ଼ରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଜରିଆରେ ପାଖାପାଖି ୧୦କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ଅତ୍ୟାଧୁନିକ Park, Multi Gym, Open Space Beautification, Jogging Track, କାନ୍ଥ ଚିତ୍ରକଳା ଇତ୍ୟାଦିର ନିର୍ମାଣ।
୪. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ ପାଖାପାଖି ୨୦କୋଟି ଟଙ୍କା ବ୍ୟୟରେ ନୂତନ Paver Road & Covered Drain ନିର୍ମାଣ।
୫. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ. ୦୬, ୧୦, ୧୪ ଏବଂ ୧୬ରେ ୪ଗୋଟି ଅତ୍ୟାଧୁନିକ ବହୁମୁଖୀ କେନ୍ଦ୍ର (Multi-Purpose Centre) ନିର୍ମାଣ ଓ ୱାର୍ଡ଼ ନଂ. ୦୧, ୦୪, ୦୯, ୧୦, ୧୨, ୧୬, ୧୮ ଏବଂ ୧୯ରେ ୦୮ଗୋଟି ବୃହତ୍ LED Web-Board ନିର୍ମାଣ କରାଯାଇଅଛି।
୬. ଚୌଦ୍ୱାର ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରେ (୦୯) ନଅ ଗୋଟି ପର୍ଯ୍ୟାୟରେ ଆବାସ ଯୋଜନା ୧.୦ ଜରିଆରେ ପାଖାପାଖି ୧୧୫୦ଜଣ ଏବଂ ଆବାସ ଯୋଜନା ୨.୦ ଜରିଆରେ ୧୩୭ଜଣ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂତନ ଗୃହ ନିର୍ମାଣ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଇଅଛି।


ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ମିଶ୍ର
ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା


ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ
ଉପାଧ୍ୟକ୍ଷ, ଚୌଦ୍ୱାର ପୌର ପରିଷଦ
ଓ ସମସ୍ତ ପାରିଷଦ ବୃନ୍ଦ


ଶ୍ରୀମତୀ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ
ଅଧ୍ୟକ୍ଷା, ଚୌଦ୍ୱାର ପୌର ପରିଷଦ

''ସ୍ୱଚ୍ଛ ଚୌଦ୍ୱାର'' ''ସୁସ୍ଥ ଚୌଦ୍ୱାର'' ''ଆପଣଙ୍କ ସହଯୋଗ, ଆମର କାମନା''

OIPR-13138/13/0048/2526



**GOVERNMENT OF ODISHA** No.O-671
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No. : 3143 / Date :26.08.2025

**1st Corrigendum**

In continuation to this office Bid Identification No. CCERWCSBD-Online-10/2025-26 invited vide this office Notice No.2759 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 PM |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
RW Circle, Sunabeda

OIPR-25182/11/0070/2526



**GOVERNMENT OF ODISHA** No.O-670
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No. : 3154 / Date :26.08.2025

**1st Corrigendum**

In continuation to this office Bid Identification No. CCERWCSBD-Online-11/2025-26 invited vide this office Notice No.2747 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 PM |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
RW Circle, Sunabeda

OIPR-25182/11/0071/2526



**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ**
**ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

No. DSPL-229

**ଆମ ପଦକ୍ଷେପ**

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗିତା ଓ ସହଭାଗିତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

**ପୌରବାସୀଙ୍କୁ ଅନୁରୋଧ**

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଖୋରଧା ଗଢ଼ିବା।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ।
- ହର୍ ଘର୍ ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢ଼ିତୋଳିବା।

ରିଜ୍‌ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି
ପୌରାଧ୍ୟକ୍ଷା
ପୌର ପରିଷଦ, ଖୋରଧା

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

OIPR-13082/13/0034/2526



